## ଆଧାରକାର୍ଡରେ ତ୍ରୁଟି
# ସହାୟତାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ

**ରସୁଲପୁର,୧୯।୨(ରଞ୍ଜିତ ରାଉତ):**

ଆଧାରକାର୍ଡରେ ତ୍ରୁଟି ଯୋଗୁ ହିତାଧିକାରୀଙ୍କୁ ଅନେକ କଷଣ ସହିବାକୁ ପଡୁଛି। ବ୍ୟାଙ୍କ ଖାତା ଜରିଆରେ ହିତାଧିକାରୀଙ୍କ ଖାତାକୁ ସରକାରୀ ଅନୁଦାନ ସ୍ଥାନାନ୍ତର କରିବା କଥା ହେଉ ଅବା ରାଶନକାର୍ଡରେ ନାମ ଯୋଡ଼ିବା, ଇ-କେୱାଇସି କରିବା, ଭତ୍ତା ହିତାଧିକାରୀଙ୍କୁ ଜମାଖାତାକୁ ଆର୍ଥିକ ସହାୟତା ପ୍ରଦାନ, ଚାଷୀମାନଙ୍କୁ କାଳିଆ, ବଳିଆ ଭଳି ସରକାରୀ ଯୋଜନା ଅର୍ଥ ପ୍ରଦାନରେ ଆଧାରକାର୍ଡ ବାଧକ ସାଜୁଛି। ଆଧାରରେ ତ୍ରୁଟିବିଚ୍ୟୁତି ଥିଲେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ ହେବାକୁ ପଡୁଥିବା ଦେଖାଯାଉଛି। ଯେବେଠାରୁ ଭାରତ ସରକାର ଆଧାରକୁ ସ୍ୱତନ୍ତ୍ର ପରିଚୟପତ୍ର ଭାବରେ ଗ୍ରହଣ କରିଆସୁଛନ୍ତି, ସେବଠାରୁ ଏଭଳି ସମସ୍ୟା ଉପୁଜିଥିବା ଲକ୍ଷ୍ୟ କରାଯାଉଛି। ଯଦିଓ ସର୍ବୋଚ୍ଚ ନ୍ୟାୟାଳୟ ଆଧାରକାର୍ଡ କୌଣସି ସରକାରୀ ଯୋଜନା ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି ସ୍ପଷ୍ଟ କରିସାରିଛନ୍ତି, ହେଲେ ଏ ସବୁ ସତ୍ତ୍ୱେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆଧାରକାର୍ଡ ଅଘୋଷିତ, ଅଲିଖିତ ଆଇନ ଭାବରେ ବ୍ୟବହାର କରାଯାଉଛି।




ଯାହାକୁ ନେଇ ସାଧାରଣବର୍ଗର ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଜ୍ୱଳନ୍ତ ପ୍ରମାଣ ବର୍ଦ୍ଧିତ ଭତ୍ତା ରାଶି ପ୍ରଦାନରେ ଦେଖିବାକୁ ମିଳିଛି। ଆଧାରକାର୍ଡରେ ବୟସଜନିତ ତ୍ରୁଟି ଯୋଗୁ ବର୍ଦ୍ଧିତ ଭତ୍ତା ସହାୟତାରୁ ରସୁଲପୁର ବ୍ଲକ ଅଞ୍ଚଳର ଶତାଧିକ ହିତାଧିକାରୀ ବଞ୍ଚିତ ହୋଇଆସୁଛନ୍ତି। ଭୋଟର ପରିଚୟପତ୍ରର ବୟସ ପ୍ରମାଣ ସହ ଆଧାରକାର୍ଡର ବୟସ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଏଭଳି ଅସୁବିଧା ହେଉଛି। ଆଧାରକାର୍ଡ ହେଉ ଅବା ଭୋଟର ପରିଚୟପତ୍ର ପ୍ରମାଣ ସଂଶୋଧନ ଏକ କଷ୍ଟ ସାଧ୍ୟ ବ୍ୟାପାର। ଭତ୍ତା ପାଇଁ ଆଧାରକାର୍ଡ ଓ ଭୋଟର ପରିଚୟପତ୍ରରେ ବୟସ ସଂଶୋଧନ କାର୍ଯ୍ୟରେ ଜିଲା ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ଅଧିକାଂଶ ଯୋଗ୍ୟ ଲୋକଙ୍କ ବୟସ ଉଭୟ କାର୍ଡରେ ତାଳମେଳ ରହୁ ନ ଥିବାରୁ ସେମାନେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଯୋଜନା ଜରିଆରେ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ, ସ୍ୱାମୀ ପରିତ୍ୟକ୍ତା, ଅବିବାହିତା ବୟସ୍କ ମହିଳା ଭଳି ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଉକ୍ତ ସରକାରୀ ସହାୟତାରେ ଅଧିକାଂଶ ବୃଦ୍ଧାବୃଦ୍ଧ ସାମିଲ ଅଛନ୍ତି। ଯୋଜନାରେ ସାମିଲ ହେବାକୁ ହେଲେ ଜଣେ ଯୋଗ୍ୟ ବୟସ୍କ ବ୍ୟକ୍ତିଙ୍କ ବୟସ ଭୋଟର ପରିଚୟପତ୍ରରେ ୬୦ରୁ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ସେହି ଆଧାରରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ପରେ ଆଧାରକାର୍ଡକୁ ସ୍ୱତନ୍ତ୍ର ପରିଚୟପତ୍ର ଭାବରେ ଗ୍ରହଣ କରାଯିବାରୁ ଅନେକ ସମସ୍ୟା ଉପୁଜୁଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜାନୁଆରୀରୁ ୮୦ବର୍ଷ ଓ ତଦୁର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ଭତ୍ତା ରାଶି ୧୨୦୦ ଟଙ୍କାରୁ ୩,୫୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ଆଧାରରେ କେତେଜଣ ହିତାଧିକାରୀଙ୍କ ଭୋଟର ପରିଚୟପତ୍ରରେ ବୟସ ୮୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଆଧାରକାର୍ଡରେ କମ୍ ରହିଛି। ଉକ୍ତ ତ୍ରୁଟି ପାଇଁ ହିତାଧିକାରୀ ୩,୫୦୦ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏତାଦୃଶଦ୍ ନିୟମ ଓ ବିଚାରକୁ ବରିଷ୍ଠ ନାଗରିକ ସଂଗଠନ ଗୁଡ଼ିକ ନାପସନ୍ଦ କରିଛନ୍ତି। ମା' ହେଙ୍ଗୁଳା ବରିଷ୍ଠ ନାଗରିକ ସଂଗଠନର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ମତରେ ସରକାର ଭତ୍ତା ବୃଦ୍ଧିରେ ପାତରଅନ୍ତର ନୀତି ଆପଣଉଛନ୍ତି, ଯାହାକି ଆଦୌ ଗ୍ରହଣୀୟ ନୁହେଁ। ସେ କହିଛନ୍ତି, ଜଣେ ୭୯ବର୍ଷର ଲୋକ ୧୦୦୦ଟଙ୍କା ଭତ୍ତା ପାଉଥିବାବେଳେ ୮୦ବର୍ଷ ପୂରିଲେ ସାଢେ ୩ହଜାର ଟଙ୍କା ପାଇବା ନିଷ୍ପତ୍ତି ଅଯୌକ୍ତିକ। ସେହିପରି ଆଧାରକାର୍ଡର ବୟସକୁ ହିତାଧିକାରୀଙ୍କ ପ୍ରମାଣ ଭତ୍ତାରେ ଗଣନା କରାଯିବା ଆଦୌ ବିଧି ସମ୍ମତ ନୁହେଁ। ଜଣେ ହିତାଧିକାରୀ ଭତ୍ତା ପାଇବା ବେଳେ ଭୋଟର ପରିଚୟପତ୍ରର ବୟସ ଆଧାରରେ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ। ଏବେ ଆଧାରରେ ବୟସକୁ ନେଇ ଜଣେ କେମିତି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେବେ ବୋଲି ସାହୁ ପ୍ରଶ୍ନ କରିଛନ୍ତି। ଏହାବ୍ୟତୀତ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭୋଟର ପରିଚୟପତ୍ର ଓ ଆଧାରକାର୍ଡରେ ବୟସରେ ତାରତମ୍ୟ ରହିଥିଲେ ତାକୁ ସଂଶୋଧନ କରିବାକୁ ପରାମର୍ଶ ଦିଆଯାଇ ହିତାଧିକାରୀଙ୍କୁ ଫେରାଇ ଦିଆଯାଉଛି। ଏନେଇ ସରକାରୀ ନିର୍ଦ୍ଦେଶ ରହିଛି ବୋଲି ହିତାଧିକାରୀମାନଙ୍କୁ କୁହାଯାଉଛି। ବର୍ଦ୍ଧିତ ଭତ୍ତା ପ୍ରଦାନରେ ସରକାର ଆପଣଉଥିବା ଟାଳଟୁଳ ନୀତିକୁ ବନ୍ଦ କରି ବୟସ ପ୍ରମାଣପତ୍ର ଭାବରେ କେବଳ ଭୋଟର ପରିଚୟପତ୍ରକୁ ଗ୍ରହଣ କରିବାକୁ ହିତାଧିକାରୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ବିଭାଗରୁ ଆସିଥିବା ନିର୍ଦ୍ଦେଶକୁ ସେମାନେ କାର୍ଯ୍ୟକାରୀ କରୁଛନ୍ତି। ଯଦି ସରକାର ନିୟମରେ ପରିବର୍ତ୍ତନ କରିବେ ତେବେ ଯାଇ ସେମାନେ କିଛି କରିପାରିବେ। ନଚେତ୍ ଯାହା ନିୟମ ରହିଛି ସେହି ଆଧାରରେ କାର୍ଯ୍ୟ କରାଯିବ।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ


ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

**ଜେନାପୁର,୧୯।୨(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାମପୁର-କଇଥାସ୍ଥିତ ରାଧାକୃଷ୍ଣ ମନ୍ଦିରର ପ୍ରଥମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଯଥାବିଧି ମୁତାବକ ହୋମଯଜ୍ଞାଦିକାର୍ଯ୍ୟ ରାଧାକୃଷ୍ଣ ଯାଦବ ମହାସଭା ଦ୍ୱାରା ସମ୍ପାଦିତ ହୋଇଥିଲା। ମହାସଭାର ମୁଖ୍ୟ ପରାମର୍ଶଦାତା, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନଙ୍କ ସଂଯୋଜନା ଓ ଶିକ୍ଷାବିତ ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଏକ ସାହିତ୍ୟ ଓ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ମିନତି ସାହୁ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ଗଣେଶ୍ୱର ପରିଡ଼ା ଯୋଗଦେଇ ନୈତିକ, ଆଧ୍ୟାତ୍ମିକ, ମାର୍ମିକ ସଂସ୍କାର ଓ ଅଭିବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରାଯାଇଥିଲା। କବି ସୁଦାମ ଚରଣ ନାୟକ ଓ ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ଓ ନାଟ୍ୟକାର ସୁକାନ୍ତ ରାଉତ, ଅଶ୍ୱିନୀ ଦାସ, ଇନ୍ଦ୍ରମଣି ମହାକୁଡ଼, ଶରତ କୁମାର ଦାସ, ଗଣେଶ୍ୱର ପରିଡା, ସୁଦାମ ଚରଣ ନାୟକ, ଗଣେଶ୍ୱର ବେହେରା, ବିଜୟ କୁମାର କର ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। କବି ଓ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ତରଫରୁ ସାର୍ଟିଫିକେଟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ଶ୍ରେଣୀ ଛାତ୍ର ତଥା କୁନି ପ୍ରବଚକ ଶ୍ରୀମାନ ସାଇଶୁଭମ ଗାହାଣ ପ୍ରବଚନ ପ୍ରଦାନ କରିଥିଲେ। ରାମପୁର କଇଥାର ଯାଦବ ଭାଇମାନେ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ପୁରୋଧା ପ୍ରମୋଦ କୁମାର ପଣ୍ଡାଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସଂଚାଳିତ ହୋଇଥିଲା। ସୁନାକାର ପଣ୍ଡା ଓ ବାପିନା ପଣ୍ଡା ପୁରୋଧା ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଧବଳେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ଘନଶ୍ୟାମ ପଲେଇ, ବିନୋଦିନୀ ସେଠୀ, ଲିପ୍ସାରାଣୀ ବାରିକ, ଲିଲି ରାଉତ, ଅମ୍ବୁଜ ରାଉତ, ଗିରିଧାରୀ ପଲେଇ, ପ୍ରମୋଦ ପଲେଇ, ପ୍ରକାଶ ପଲେଇ, ସୁଦାମ ଚରଣ ଦାସ, ପାଣ୍ଡବ ରାଉତ ଓ ରାମପୁର କଇଥା ଯୁବକ ସଂଘର କର୍ମକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ନାରାୟଣ ପଲେଇ ଧନ୍ୟବାଦ ଦେଇଥିଲେ।

# ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଯାଜପୁର ଟାଉନ,୧୯।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଚଳିତ ବଜେଟରେ ଖବରଦାତାମାନଙ୍କୁ ରାଜ୍ୟ ସରକାର ଅଣଦେଖା କରିଥିବା ଅଭିଯୋଗ ଆଣିଛି ଓଡ଼ିଶା ସାମ୍ବାଦିକ ସଙ୍ଘ(ଓୟୁଜେ)। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଘୋଷଣା କରାଯାଇଥିଲା ଯେ, ସରକାର ଆସିଲେ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କୁ ପେନସନ ଏବଂ ସୁରକ୍ଷା ପ୍ରଦାନ କରାଯିବ। ହେଲେ ରାଜ୍ୟରେ ଭାଜପା ସରକାରକୁ ୮ ମାସ ବିତିଥିଲେ ମଧ୍ୟ ଚଳିତ ବଜେଟରେ ଖବରଦାତାଙ୍କ ପାଇଁ ଦିଆଯାଇଥିବା କୌଣସି ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ଏହାକୁ ନେଇ ଓୟୁଜେ ଯାଜପୁର ଜିଲା ସଂଗଠନ ପକ୍ଷରୁ ପ୍ରତିବାଦ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଖୁବଶୀଘ୍ର ଏକ ସ୍ୱତନ୍ତ୍ର କ୍ୟାବିନେଟ ବସାଇ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ନଚେତ ସଙ୍ଘ ପକ୍ଷରୁ ଆନ୍ଦୋଳନ କରାଯିବା ସହିତ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଙ୍ଘ ପକ୍ଷରୁ ରାଜ୍ୟ ଉପସଭାପତି ରାଜୀବ ମହାନ୍ତି, ଜିଲାସଭାପତି ଅରୁଣ ରାଉତରାୟ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଉପସଭାପତି ଦେବ ପ୍ରକାଶ ସାହୁ, ପ୍ରବୋଧ ମିଶ୍ର, ଉପଦେଷ୍ଟା ଆଦିତ୍ୟ ମେକାପ, ଅଜୟ ରଣା, ଅକ୍ଷୟ ଦାସ ଓ ଏକାଦଶୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱାରୋପ


ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ରସୁଲପୁର,୧୯।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଡିଓ ସତ୍ୟାନନ୍ଦ ଦାଶ ପଞ୍ଚାୟତୱାରୀ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ କନିଷ୍ଠଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ ଏବଂ ପଞ୍ଚାୟତିରାଜ ବିଭାଗ ସହ ଯୋଡ଼ିହୋଇଥିବା ସମସ୍ତ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ସମୀକ୍ଷା ସମ୍ପର୍କରେ ମତ ଦେଇଥିଲେ। ବୈଠକ ଶେଷରେ ବିଡିଓ ଦାଶ, ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ଦାନଗଦି ବ୍ଲକକୁ ବଦଳି ହୋଇଥିବା ସୂଚନା ପ୍ରଦାନ କରିଥିଲେ। ତାଙ୍କୁ ବ୍ଲକରୁ ରିଲିଜ୍ କରାଯାଇଥିବା ନେଇ ବିଡିଓ ଦାଶ ସୂଚନା ପ୍ରଦାନ କରିବା ସହ ମିଶ୍ରଙ୍କ କାର୍ଯ୍ୟ ଦକ୍ଷତା ଓ କିଭଳି ଭାବରେ ପ୍ରତ୍ୟେକ ଦାୟିତ୍ୱକୁ ସୂଚାରୁରୂପେ ପାଳନ କରୁଥିଲେ ସେ ନେଇ ମତରଖିଥିଲେ। ଏବିଡିଓ ମିଶ୍ର ନିଜର ଅନୁଭୂତି ବର୍ଣ୍ଣନା କରି କହିଥିଲେ, ଯେ ସେ ରସୁଲପୁର ବ୍ଲକରେ ଜିପିଓ ପଦବୀରୁ ଚାକିରୀ ଜୀବନ ଆରମ୍ଭ କରିଥିଲେ। ପୁଣି ଏବିଡିଓ ଭାବରେ ଏହି ବ୍ଲକକୁ ବଦଳି ହୋଇଆସିଥିଲେ। ଏଠାରେ କାର୍ଯ୍ୟ କରିବାର ଆନନ୍ଦ ନିଆର ବୋଲି ମତ ରଖିଥିଲେ। ଏଥିସହ ବ୍ଲକର ସ୍ଥାନ ରାଜ୍ୟ ଓ ଜିଲାରେ ସର୍ବଦା ଅଗ୍ରଣୀ ରଖିବାକୁ ଆହ୍ୱାନ ଜଣାଇଥିଲେ। ଏହିଅବସରରେ ବିଡିଓ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ଜିପିଡିଓ ସୌରଭ ପଲଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ବିଦାୟୀ ଏବିଡିଓଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ସମ୍ମାନିତ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ତାଙ୍କୁ କୃତଜ୍ଞତା ଜଣାଇଥିଲେ।

# ପୋଲିସ କନ୍‌ଷ୍ଟେବଲଙ୍କୁ ମାଡ଼

**ଯାଜପୁର,୧୯।୨(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲା ବ୍ୟାସ ସରୋବର ମେଳାରେ ନିୟୋଜିତ ଧର୍ମଶାଳା ଥାନାର କାର୍ଯ୍ୟରତ କନ୍‌ଷ୍ଟେବଲ ହରିଶ ସାଣ୍ଡିଲଙ୍କୁ କେତେଜଣ ଯୁବକ ମାଡ ମାରିଛନ୍ତି। ଏନେଇ ସେ ଯାଜପୁର ରୋଡ଼ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ଯାଜପୁର ରୋଡ଼ ଥାନାରେ ଏକ ମାମଲା(ନଂ.୯୦/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ଅଭିଯୋଗ ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୫ଟା ବେଳେ ଗାୟତ୍ରୀ ବିହାର ନିକଟ ରେଳ ଫାଟକ ପଡିଥିବା ବେଳେ ହରିଶ ଏକ ବୁଲେଟ୍‌ରେ ବ୍ୟାସସରୋବର ମେଳାକୁ ଡ୍ୟୁଟି ପାଇଁ ଯାଉଥିଲେ। ଫାଟକ ଉଠିବା ପରେ ସେଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । କିଛି ସମୟ ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ଏକପ୍ରକାର ବନ୍ଦ ହୋଇଯାଇଥିଲା । ହରିଶଙ୍କୁ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଲୋକେ ଅନୁରୋଧ କରିଥିଲେ । ସେ ବାଇକ୍‌ଗୁଡିକୁ ନିୟନ୍ତ୍ରିତ କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା । ମାତ୍ର ୨ଟି ବାଇକ୍‌ରେ ଆସିଥିବା ୬ଜଣ ଯୁବକ ରେଳ ଫାଟକ ଅତିକ୍ରମ କରିବା ପରେ ହରିଶଙ୍କ ବୁଲେଟ୍ ସମ୍ମୁଖକୁ ଯାଇ ଅଟକାଇଥିଲେ । ଗାଡ଼ି କାହିଁକି ଅଟକାଇଲୁ କହି ହରିଶଙ୍କୁ ଅଭଦ୍ର ଭାଷାରେ ଗାଳି କରିବା ସହିତ ଆକ୍ରମଣ କରିଥିଲେ । ୬ ଜଣଙ୍କ ଅତର୍କିତ ଆକ୍ରମଣରେ ହରିଶ ତଳେ ପଡିଯିବାରୁ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ତାଙ୍କ ବେକରୁ ଏକ ସୁନାଚେନ ଛିଣ୍ଡାଇ ନେଇଥିବା ହରିଶ ଅଭିଯୋଗ କରିଛନ୍ତି । ଘଟଣାକୁ ୪ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳତା ପାଇନାହିଁ। ଏ ସମ୍ପର୍କରେ ଯାଜପୁର ରୋଡ଼ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି କନ୍‌ଷ୍ଟେବଲ ଅଭିଯୋଗ କରିଛନ୍ତି ଓ ଆମେ ଏହାର ତଦନ୍ତ କରୁଛୁ । ଦୋଷୀମାନଙ୍କୁ ନିଶ୍ଚୟ ଉଚିତ ଦଣ୍ଡ ମିଳିବ ।

# ରଣ ଶୁଝି ନ ପାରି ଯୁବକଙ୍କ ଆତ୍ମହତ୍ୟା

**ଜେନାପୁର,୧୯।୨(ଅଶୋକ ଦାସ):**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ମୁରାରିପୁର ଗ୍ରାମର ଜଣେ ଯୁବକ ମଙ୍ଗଳବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେ ହେଲେ ଗ୍ରାମର ହାଡ଼ିବନ୍ଧୁ ସେଠୀ(୪୩)। ହାଡ଼ିବନ୍ଧୁ ଗରିବ ଶ୍ରେଣୀର ହୋଇଥିବାରୁ ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଋଣ କରିଥିଲେ। ପରେ ଋଣ ଶୁଝିବାକୁ ନେଇ ତାଙ୍କ ପରିବାରରେ କଳହ ଲାଗି ରହିଥିଲା। ଫଳରେ ସେ ଘର ଛାତରେ ଲାଗିଥିବା ହୁକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକେ ଦେଖିବା ପରେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ନଂ.୬/୨୫ ରୁଜୁ ହୋଇଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

## ଯୁକ୍ତ ୨ କଳା, ବାଣିଜ୍ୟ ପରୀକ୍ଷା ଦେଲେ ୧୨୮୩ ବିଦ୍ୟାର୍ଥୀ

**ଧର୍ମଶାଳା,୧୯।୨(ବଟକୃଷ୍ଣ ପରିଡ଼ା):**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ବାଣିଜ୍ୟ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକରେ ଚଳିତଥର ୭ ଯୁକ୍ତ ୨ କଲେଜର ପରୀକ୍ଷାର୍ଥୀ ୬ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। କଳା ଓ ବାଣିଜ୍ୟରେ ୧୩୦୦ ପରୀକ୍ଷାର୍ଥୀ ଥିବାବେଳେ ୧୨୮୩ ଜଣ ପରୀକ୍ଷା ଦେଇଛନ୍ତି। ଧର୍ମଶାଳା ଯୁକ୍ତ ୨ କଲେଜରେ କଳାରେ ରେଗୁଲାରରେ ୧୩୩ରୁ ୨୨୯ ଓ ବାଣିଜ୍ୟରେ ୧୫ରୁ ୧୩ ଜଣ ପରୀକ୍ଷା ଦେଇଛନ୍ତି। ରେନେସାର କଳାରେ ୨୮ରୁ ୨୭ ରେଗୁଲାର୍, ମୁକୁନ୍ଦପତ୍ର କଲେଜରେ କଳାରେ ୨୦୨ରୁ ୧୯୮ ରେଗୁଲାର ଓ ଜେନାପୁର କଲେଜର ରେଗୁଲାର ଓ ଏକ୍ସ ରେଗୁଲାରରେ ୨୫୩ ଜଣ ମଧ୍ୟରୁ ୨୫୦, ଧର୍ମଶାଳା ମହିଳା ଜୁନିୟର୍ କଲେଜର ୮୩ ଜଣଙ୍କ ମଧ୍ୟରୁ ୭୭, ଜଗନ୍ନାଥ ଜୀଉ ଜୁନିଅର କଲେଜର ୧୯୫ ଜଣଙ୍କ ମଧ୍ୟରୁ ୧୯୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସମ୍ପୃକ୍ତ କଲେଜର ଅଧ୍ୟକ୍ଷ ତଥା ପରୀକ୍ଷା ପରିଚାଳକମାନେ ସୂଚନା ଦେଇଛନ୍ତି।

# ବୀଣାପାଣି ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ


ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ସିଂହପୁର,୧୯।୨ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍ ସିଂହପୁର ନିକଟ ଚରପଡ଼ା ବୀଣାପାଣି ବିଦ୍ୟା ମନ୍ଦିରର ବିଂଶତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷକ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଇଂ. ନୀଳାଦ୍ରି ଭୂଷଣ ମହାପାତ୍ର, ମୁଖ୍ୟବକ୍ତା କେନ୍ଦ୍ରାପଡ଼ା ୨୭ନଂ. ଜୋନ ଜିଲା ପରିଷଦ ସଦସ୍ୟା ପ୍ରବୀଣା ଦାସ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ସାମାଜିକ କର୍ମୀ ଅର୍ଜୁନ ଚରଣ ମଳିକ, ପ୍ରାକ୍ତନ ସିଆର୍‌ସିସି କୁଳମଣି ସାହୁ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଉପରେ ମାଆଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଙ୍କୁ ଗୁରୁଜୀ ମିତ୍ରଭାନୁ ସାମନ୍ତ ସିଂହାର ମଞ୍ଚକୁ ଆହ୍ୱାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଲୋତକ ବିନ୍ଦୁ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଗୁରୁଜୀ ଅଶୋକ ରାଉତ ଧନ୍ୟବାଦ ଦେଇଥିଲେ।

କେନ୍ଦ୍ରାପଡ଼ା ଜିଲା ଓଷ୍ଟା ଉପସଭାପତି ଶିକ୍ଷକ ସଞ୍ଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ବଟକୃଷ୍ଣ ପଣ୍ଡା, ମୁଖ୍ୟ ଅତିଥି ଭାବରେ ଅମ୍ବିକା ପ୍ରସାଦ ସାମଲ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ଭାବେ ସୁଧା ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକ, ଖରସ୍ରୋତା ସାଂସ୍କୃତିକ ପରିଷଦର ସମ୍ପାଦକ ନିରଞ୍ଜନ ବେହେରା ଓ ଜ୍ଞାନରଞ୍ଜନ ଯେନା ଯୋଗଦେଇ ଆଜି ବୃଦ୍ଧାଶ୍ରମର ଆବଶ୍ୟକତା ଜରୁରୀ କି ସମ୍ପର୍କରେ ବିତର୍କ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ତର୍କ, ସଂଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଦିବସରେ ଜେଜେ-ଜେଜେମାଆ ଓ ଦ୍ୱିତୀୟ ଦିବସରେ ପିତୃମାତୃଙ୍କୁ ଛାତ୍ରୀଛାତ୍ର ପୂଜାର୍ଚ୍ଚନା କରିଥିଲେ। ଗୁରୁଜୀ ଲୋତକ ବିନ୍ଦୁ ଦାସଙ୍କ ସଂଯୋଜନାରେ ଗୁରୁମା ଜୟଶ୍ରୀ ଦାଶ, ପୂର୍ଣ୍ଣସ୍ମିତା ବାରିକ, ସ୍ୱର୍ଣ୍ଣପ୍ରଭା ବଳ, ଲିସା ରାଣୀ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମାଟ୍ରିକ ପରୀକ୍ଷା
## ପାଣିକୋଇଲି ନୋଡାଲ ସେଣ୍ଟର ଅଧୀନରେ ୧୭ ପରୀକ୍ଷା କେନ୍ଦ୍ର

**ପାଣିକୋଇଲି,୧୯।୨(ବିକାଶ ଚନ୍ଦ୍ର ମଲ୍ଲିକ):**

ଅସନ୍ତା ୨୧ ତାରିଖରରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏଥିପାଇଁ କୋରେଇ ଶିକ୍ଷାମଣ୍ଡଳ ଅଧୀନ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ସେଣ୍ଟର ଅଧୀନରେ ୧୭ ପରୀକ୍ଷା କେନ୍ଦ୍ର କରାଯାଇଛି। ସେଥିରୁ ପାଣିକୋଇଲି ହାଇସ୍କୁଲରେ ୨୧୫, ବିସି ହାଇସ୍କୁଲରେ ୧୨୮, ବଡବିରୁହାଁ ହାଇସ୍କୁଲରେ ୨୦୧, ବୈତରଣୀ ନୋଡାଲ ଉଚ୍ଚ ବିଦ୍ୟାପୀଠ ବରୁଣ୍ଡାଇରେ ୧୫୯, ବ୍ରାହ୍ମଣୀ ଦେବୀ ହାଇସ୍କୁଲରେ ୧୭୧, ହିଂଗୁଳା ହାଇସ୍କୁଲରେ ୨୧୧, କୋରେଇ ହାଇସ୍କୁଲରେ ୧୬୧, ଏମଏଲଏ ହାଇସ୍କୁଲରେ ୧୦୪, ଏନସି ହାଇସ୍କୁଲରେ ୨୧୯, ଯାଜପୁରରୋଡରେ ୨୧୯, ବ୍ୟାସନଗର ହାଇସ୍କୁଲରେ ୧୯୩, ଧବଳଗିରି ହାଇସ୍କୁଲରେ ୧୯୪, ପଚ୍ଛିକୋଟ ହାଇସ୍କୁଲରେ ୧୦୯, ରଘୁନାଥ ସାହୁ ହାଇସ୍କୁଲ ତାରାକୋଟରେ ୧୧୭, ଶଶିଭୂଷଣ ବାଳିକା ହାଇସ୍କୁଲରେ ୧୮୨, ସଚିବ ବିଦ୍ୟାଳୟ ମକୁନ୍ଦପୁରରେ ୧୪୭, ତୁଳତୀ ହାଇସ୍କୁଲରେ ୧୭୨, ଅଶୋକ ଦାସ ବିଦ୍ୟାପୀଠ କନ୍ତୋରରେ ୧୧୮ଜଣ ମାଟ୍ ୨୭୯୯ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ସ୍ଥିର ହୋଇଛି। ପ୍ରତ୍ୟେକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ କେନ୍ଦ୍ରର ଅଧୀକ୍ଷକ ଭାବେ ନିଯୁକ୍ତ କରାଯାଇଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫରେଷ୍ଟର ଇଲେଭେନ ଚାମ୍ପିୟନ

**ଜେନାପୁର,୧୯।୨(ଅଶୋକ ଦାସ):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମୁରାରିପୁର ଗ୍ରାମ ଖେଳ ପଡ଼ିଆରେ ବାବାମଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ୨୨ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଚଢ଼େଇଧରା ଫରେଷ୍ଟର ଇଲେଭେନ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଫରେଷ୍ଟର ଇଲେଭେନ କ୍ରିକେଟ କ୍ଲବ ଚଢ଼େଇଧରା ଓ ଦୌଲତପୁର ଇଲେଭେନ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚଢ଼େଇ ଧରା ଟସଜିତି ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୮ ଓଭର ଖେଳି ୬ ଉଇକେଟ ହରାଇ ୨୨୬ ରନ ସଂଗ୍ରହ କରିଥିଲା। ଜବାବରେ ଦୌଲତପୁର କ୍ଲବ ୧୭ ଓଭର ଖେଳି ସମସ୍ତ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ମିନତି ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ବଳ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଜୟୀ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ନିମାଇଁ ମହାନ୍ତି, ବାଦଲ ମଲ୍ଲିକ ପରିଚାଳନା କରିଥିଲେ। ରଞ୍ଜନ କୁମାର ଦଳାଇ, ଅଭିମନ୍ୟୁ ଓଝା, କୁନାଲ ସ୍ୱାଇଁ, ଦିଲୀପ ଦଳାଇ, ସିଲୁ ସେଠୀ, ସଦାଶିବ ମହାରଣା, ଆଲୋକ ଜେନାଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ଓ ଅର୍ଥରାଶିର ଚେକ୍ ପ୍ରଦାନ କରୁଛନ୍ତି।

## ବାଇକ୍ ଦୁର୍ଘଟଣାରେ ବାଳକ ଗୁରୁତର

ରାଜକନିକା,(ରବୀନ୍ଦ୍ର କୁମାର ଦାସ): ରାଜକନିକା ଥାନା ଅଶୋକ ବଜାର-ଓଳାଭର ରାସ୍ତାର ପଦ୍ମପୋଖରୀ ନିକଟରେ ଜଣେ ବାଳକ ଦ୍ରୁତଗତିରେ ବାଇକ୍ ଚଳାଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ବୁଧବାର ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବାଳକ ହେଉଛନ୍ତି ବାଘବୁଦା ପଞ୍ଚାୟତ ବରଦା ଗାଁର ରାଜେନ୍ଦ୍ର ଦଳେଇ (୧୬)ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ଆହତ ବାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ମାର୍ଶାଘାଇରେ ୯ ପରୀକ୍ଷା କେନ୍ଦ୍ରରେ ୧୨୬୮ ପରୀକ୍ଷାର୍ଥୀ

ମାର୍ଶାଘାଇ, ୧୯।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ପାଇଁ ମାର୍ଶାଘାଇ ବ୍ଲକରେ ୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି ପରୀକ୍ଷାରେ ବ୍ଲକର ୩୮ ହାଇସ୍କୁଲର ୧୨୬୮ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ଅନ୍ତେଇ ସରକାର ନୋଡାଲ ହାଇସ୍କୁଲରେ ୧୪୪, ଆଖୁଆଓଡ଼ଙ୍ଗ ନୋଡାଲରେ ୧୯୪, ଜନଶକ୍ତି ନୋଡାଲ ପେଣ୍ଠରେ ୧୭୫, କପିଳମୁନି ନୋଡାଲ ପିକରାଳିରେ ୧୪୩, ମାର୍ଶାଘାଇ ସରକାରୀ ହାଇସ୍କୁଲରେ ୧୨୨, ମଣିନାଗେଶ୍ୱରୀ ସିଳିପୁରରେ ୧୦୭, ପଞ୍ଚାୟତ ହାଇସ୍କୁଲ ଅଙ୍ଗୁଳାଇରେ ୨୨୮, ଜୟରାମ ହାଇସ୍କୁଲ କରିଲୋପାଟଣାରେ ୧୪୨ ଓ ସରକାରୀ ନୋଡାଲ ହାଇସ୍କୁଲ ମାର୍ଶାଘାଇରେ ୧୧୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଶିକ୍ଷା ବିଭାଗରୁ ସୂଚନା ମିଳିଛି। ସେହିପରି ଧନ୍ଦାମୂଳକରେ ୯୧ଜଣ ପରୀକ୍ଷା ଦେବେ। ମାର୍ଶାଘାଇ ସରକାରୀ ହାଇସ୍କୁଲ ପ୍ରଶ୍ନପତ୍ରର ହବ ସେଣ୍ଟର କରାଯାଇଛି। ଏଠାରୁ ସବୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ ବୋଲି ସୂଚନା ମିଳିଛି।

### ଅଦିନିଆ କୁଆପଥର ବର୍ଷା, ଫସଲ ନଷ୍ଟ

ପଟ୍ଟାମୁଣ୍ଡାଇ, ୧୯।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନସ୍ଥାନରେ ବୁଧବାର ସନ୍ଧ୍ୟାରେ ଅଦିନିଆ ବର୍ଷା ଓ କେତେକ ସ୍ଥାନରେ କୁଆପଥର ବୃଷ୍ଟି ହୋଇଛି। ପ୍ରାୟ ଅଧଘଣ୍ଟା ଧରି ବର୍ଷା ହେବାରୁ ଚାଷୀ ଭୟଭୀତ ହୋଇଯାଇଥିଲେ। କୁଆପଥର ବୃଷ୍ଟି ହେବା ଫଳରେ ପନିପରିବା, ମୁଗ, ବିରି, ଡାଲି ଜାତୀୟ ଫସଲ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥିବା ସୂଚନା ମିଳିଛି। ବିଶେଷ କରି ଧୋୟାଞ୍ଚଳରେ ହରଡ, ମୁଗ, ବିରି ଭଳି ରବି ଫସଲ ଜମିରୁ ଅମଳ ହୋଇ ପାରି ନ ଥିବା ବେଳେ ବର୍ଷା ମାଡ଼ରେ ଅମଳ ଫସଲ ଓଦା ହୋଇଯାଇଛି। ଏଥିସହ ଆମ୍ବ ବଉଳ ଉପରେ କୁଆପଥର ମାଡ଼ ଯୋଗୁ ଝଡ଼ି ପଡ଼ିଛି। ଅଦିନିଆ ବର୍ଷା ମାଡ଼ରେ ନଷ୍ଟ ହୋଇଥିବା ପନିପରିବା ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷଙ୍କ ପରଲୋକ

ରାଜନଗର, ୧୯।୨ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରପୂର୍ବତନଅଧକ୍ଷପ୍ରଫେସର ବିଜୟ ରାଉତରାୟ(୭୦)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ରାଉତରାୟ ମହାବିଦ୍ୟାଳୟରେ ୧୯୮୪ ମସିହାରୁ ଓଡ଼ିଆ ବିଭାଗରେ ଅଧ୍ୟାପନା ଆରମ୍ଭ କରିଥିଲେ। ସେ ୨୦୧୩ରୁ ୨୦୧୪



ମସିହା ପର୍ଯ୍ୟନ୍ତ ମହାବିଦ୍ୟାଳୟର ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇବା ସହତ ମହାବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ। ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ପାଠ ପଢାଇବାର କୌଶଳ ଛାତ୍ରୀଛାତ୍ରଙ୍କ ଉପରେ ବେଶ ପ୍ରଭାବ ବିସ୍ତାର କରୁଥିଲା। ସେ ଏକା ଧାରାରେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ, ପରଉପକାରୀ ସହିତ ଧାର୍ମିକ ଭାବଧାରାରେ ଅନୁପ୍ରାଣିତ ଥିଲେ। ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣା ଗ୍ରାମରେ ତାଙ୍କ ଘର। ରାଉତରାୟଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର, ପୂର୍ବତନ ଅଧକ୍ଷ ପୀତାମ୍ବର ମିଶ୍ର, ଦୁର୍ଯ୍ୟୋଧନ ପରିଡ଼ା, ପରୀକ୍ଷିତ ପାତ୍ର, ଭରତ ପାତ୍ର, ଅତୁଲ ବଳ, ଦେବବ୍ରତ ପ୍ରଧାନ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ପ୍ରଣୟ କୁମାର ବେହେରା, ପ୍ରଫେସର ମଧୁସୂଦନ ପରିଡା, ଅଧ୍ୟାପକ ଅଭିମନ୍ୟୁ ରାଉତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୂର୍ବତନ ଅଧକ୍ଷଙ୍କ ବିୟୋଗରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ବେହେରାଙ୍କ ପୌରୋହିତ୍ୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଶୋକ ସଭାରେ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ୨ ମିନିଟ୍ ନୀରବ ପ୍ରାର୍ଥନା କରି ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପରୀକ୍ଷାକେନ୍ଦ୍ରକୁ ମୋବାଇଲ, ଡିଜିଟାଲ ଘଣ୍ଟା ମନା

ମହାକାଳପଡ଼ା, ୧୯।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ସିସିଟିଭି ଜଗିବ ୧୮ ମାଟ୍ରିକ ପରୀକ୍ଷା କେନ୍ଦ୍ର
- ପ୍ରଶ୍ନପତ୍ର ହବ୍ ସେଣ୍ଟର ସୁରକ୍ଷା ବ୍ୟବସ୍ଥା କଡାକଡି
- ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କଲେ କାର୍ଯ୍ୟାନୁଷ୍ଠାନ
- ୩ହଜାରରୁ ଅଧିକ ପରୀକ୍ଷାର୍ଥୀ

ଶୁକ୍ରବାର ହାଇସ୍କୁଲ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍ଓପି ଜାରି କରାଯାଇଛି। ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ପରୀକ୍ଷା ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ପରୀକ୍ଷା କେନ୍ଦ୍ରରେ କୌଣସି ଆସାଧୁ ଉପାୟ ଅବଲମ୍ବନ କଲେ କେନ୍ଦ୍ର ଦାୟିତ୍ୱରେ ଥିବା ଅଧୀକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ପରୀକ୍ଷା କେନ୍ଦ୍ରରେ ସିସିଟିଭି ନିୟନ୍ତ୍ରଣରେ ରହିବ। ବିଦ୍ୟୁତ୍ ସରବରାହ ବନ୍ଦ ହେଲେ ବିକଳ୍ପ ଭାବେ ଇନଭର୍ଟର, ଜେନେରେଟରର ମହଜୁଦ ରଖିବାକୁ କେନ୍ଦ୍ର ଅଧୀକ୍ଷକଙ୍କୁ କୁହାଯାଇଛି। ସେହିଭଳି ଭାବେ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କ ଛଡ଼ା ମୋବାଇଲ ଫୋନ, ଡିଜିଟାଲ ୱାଚ ପ୍ରତି କର୍ମଚାରୀଙ୍କୁ ବାରଣ କରାଯାଇଛି। ପ୍ରତି ପରୀକ୍ଷାର୍ଥ ଡ୍ରେସ କୋଡ ସହ ଜୋତା ବା ବୁଟ ପିନ୍ଧି ଆସିବେ ବୋଲି କୁହାଯାଇଛି। ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ମୁଖ୍ୟ ଫାଟକଠାରେ ଚେକିଂ କରାଯାଇ ପେନ, ପେନସିଲ, ଯନ୍ତ୍ରବାକ୍ସ, ପରୀକ୍ଷା କେନ୍ଦ୍ର ପରିଚୟ ପତ୍ର ହଲକୁ ନେଇପାରିବେ ବୋଲି କୁହାଯାଇଛି। ପରୀକ୍ଷା କେନ୍ଦ୍ରରେ ପାନୀୟ ଜଳ, ଓଆର୍ଏସ୍, ପ୍ରାଥମିକ ଚିକିତ୍ସା କିଟ୍ ମହଜୁଦ ରଖିବାକୁ କେନ୍ଦ୍ରକୁ କୁହାଯାଇଛି। ମହାକାଳପଡ଼ା ବ୍ଲକର ପରୀକ୍ଷା କେନ୍ଦ୍ରର ପ୍ରଶ୍ନପତ୍ର ମଙ୍ଗଳବାର ପହଞ୍ଚି ଥିବା ବେଳେ ହବ୍ ସେଣ୍ଟର କିଆରବାଙ୍କସ୍ଥିତ ପଞ୍ଚାୟତ ହାଇସ୍କୁଲ ନୋଡାଲ ସେଣ୍ଟର ଷ୍ଟ୍ରଙ୍ଗ ରୁମ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି। ହବ୍ ସେଣ୍ଟର ଭିତର ଓ ବାହାରେ ସିସିଟିଭି ବ୍ୟବସ୍ଥା ରହିଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି। ବ୍ଲକର ୧୮ଟି ହାଇସ୍କୁଲକୁ ଚୟନ କରାଯାଇ ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକ ହେଲା ଜମ୍ବୁ, ରାମନଗର, ବାରଡାଙ୍ଗ, ଗୋଜାବନ୍ଧ, କିଆରବାଙ୍କ, ଚଡାଇ ଗୁଆଁ, ଗଡ଼ ରୋମିତ, ନଳଦିଆ ଶାସନ, ବେଲାର ନୂଆଗାଁ, ଗୋପୀନାଥପୁର ଶାସନର ୨ଟି ପରୀକ୍ଷା କେନ୍ଦ୍ର, ଆଶ୍ରମ ବାଲିକୁଦା, ଅଦ୍ଭୁଳ, ବୀଣାପାଣି, ଦେଉଳପଡ଼ା, ବିଜୟ ନଗର, ମାଳିଅଞ୍ଚ, ରାହାମା ହାଇସ୍କୁଲ। ଚଳିତବର୍ଷ ୧୮ଟି ପରୀକ୍ଷା କେନ୍ଦ୍ରରେ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା ଚଳିତ ମାସ ୨୧ ତାରିଖଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହେବ। ପରୀକ୍ଷା କେନ୍ଦ୍ରଗୁଡ଼ିକ ପ୍ରତିଦିନ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ତ୍ରିସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସରକାରଙ୍କ ଆଇନ ଅନୁସାରେ ଅବାଧ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳିତ ହେବ। ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି ବୋଲି ସେ କହିଛନ୍ତି।

# ଏବିଭିପି ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହ




ଏବିଭିପି ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ରାଜକନିକା, ୧୯।୨ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ଭୁବନେଶ୍ୱରସ୍ଥିତ କୀଟ୍ ବିଶ୍ୱବିଦ୍ୟାଳୟରେ ନେପାଳ ଛାତ୍ରୀଙ୍କ ମୃତ୍ୟୁ ଓ ଅନ୍ୟ ଛାତ୍ରୀଛାତ୍ରଙ୍କ ଉପରେ ଅମାନବୀୟ କାର୍ଯ୍ୟକଳାପ ପାଇଁ ଓଡ଼ିଶା ତଥା ଭାରତ ବିଶ୍ୱଦରବାରରେ ନିନ୍ଦିତ ଓ ଲଜ୍ଜିତ ହୋଇଛି। ଏ ନେଇ କିଟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି। ଏହାବାଦ୍ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓଡ଼ିଶା ସରକାର ଗ୍ରହଣ କରନ୍ତୁ ବୋଲି ଦାବି କରି ବୁଧବାର କେନ୍ଦ୍ରାପଡା ଜିଲ୍ଲା ରାଜକନିକା ନଗର ଏବିଭିପି ପକ୍ଷରୁ ରାଜକନିକାସ୍ଥିତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଡ. ସାମନ୍ତଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରି ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ କ୍ୟାମ୍ପସ ୟୁନିଟ୍ ସଭାପତି ଓମ୍ ପ୍ରକାଶ ସାମଲ, ଉପସଭାପତି ସୁଶ୍ରୀ ସ୍ମୃତି ପ୍ରିୟଦର୍ଶିନୀ ବାରିକ୍, ସଂଯୋଜିକା ସୁଶ୍ରୀ ସୁଜାତା ପାତ୍ର, ଅମିତ ପାଣ୍ଡବ, ସ୍ୱାଧୀନ ରାୟ, ସୋମନାଥ ମଲ୍ଲିକ, ଆଶିଷ କୁମାର ନାୟକ, ସରୋଜ କୁମାର ଖୁଣ୍ଟିଆ, ବର୍ଷା ପ୍ରିୟଦର୍ଶିନୀ ରାଉତ, ଶୁଭଲକ୍ଷ୍ମୀ ମଲ୍ଲିକ, ଅନୁପମା ବେହେରା, ମହେଶ ରାୟ, ସନ୍ଦୀପ ସାମଲ, ପଙ୍କଜ ଜେନା, ରାଜ କୁମାର ଦାସ, ଦମୟନ୍ତୀ ମଲ୍ଲିକ ଓ ପୂଜାରାଣୀ ମଲ୍ଲିକଙ୍କ ସମେତ ଏବିଭିପିର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ଜିଲାସ୍ତରୀୟ ନିଯୁକ୍ତି ମେଳାରେ ୩୯ ଜଣଙ୍କୁ ନିଯୁକ୍ତିପତ୍ର



ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ୩୯ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି।

କେନ୍ଦ୍ରାପଡ଼ା, ୧୯।୨ (ଜଗନ୍ନାଥ ଧଳ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଛନ୍ତି। ଏଥିରେ ୧୫୭୫ ଜଣ କର୍ମନିଯୁକ୍ତି ଆଶାୟୀ ଯୁବବର୍ଗ ଅଂଶଗ୍ରହଣ କରିଥିଲେ। ୭୫୭ ଜଣ ବିଭିନ୍ନ ସଂସ୍ଥା ଦ୍ୱାରା ଚାକିରି ପାଇଁ ମନୋନୀତ ହୋଇଥିଲେ। ଏଥିସହ ୩୯ ଯୁବବର୍ଗଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଥିଲା। ଏଥିପାଇଁ ସଭାରେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା ନିଯୁକ୍ତି ମେଳାର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ଅଧକ୍ଷା ଲିଳିତା ଦାସ, ଜିଲା ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲାପାଳ ଅରୁଣ ନାୟକ, ସରକାରୀ ପଲିଟେକ୍ନିକ ଅନୁଷ୍ଠାନ ଅଧକ୍ଷ ଗୁଣନିଧି ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ସଞ୍ଜୟ କୁମାର ରଥ ଜୀବିକା ଉପାର୍ଜନରେ ଜିଲାର ଆର୍ଥିକ ଉନ୍ନତି ସମ୍ପର୍କରେ ମତ ରଖିଥିଲେ। ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ୱାଇ.ପି. ରିଚା ବିଶ୍ୱାଳ, ସିଏମ୍ଏସ୍‌ଡିଏଫ୍ ଶ୍ରଦ୍ଧାଞ୍ଜଳୀ ପ୍ରଧାନ, ଜିତେନ୍ଦ୍ର କୁମାର ସେଠୀ, ଆଶୁତୋଷ ତ୍ରିପାଠୀ, ହରିଚନ୍ଦନ ରାଉତ ପ୍ରମୁଖ ନିଯୁକ୍ତି ମେଳାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୯।୨ (ଜଗନ୍ନାଥ ଧଳ)

ଆଇଡିଆଲ ପବ୍ଲିକ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ କେନ୍ଦ୍ରାପଡ଼ା ଟାଉନ ହଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଅଭିଜିତ ବୋଷ ଯୋଗଦେଇ ଶିକ୍ଷାର୍ଥୀଙ୍କର ଉତ୍ତମ ଚରିତ୍ର ଗଠନ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟବକ୍ତା ପୂର୍ବତନ ଅଧକ୍ଷ ଦୁର୍ଯ୍ୟୋଧନ ପରିଡ଼ା ଭଲ ମଣିଷ ହେବାକୁ ଶୃଙ୍ଖଳାଜ୍ଞାନକୁ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟର ସଭାପତି ସରୋଜରାଜ ସିଂହ, ସମ୍ପାଦକ ଅଧିକାରୀ ପ୍ରଭାତ କୁମାର ଦାସ ଓ ଅଧକ୍ଷ ବାବାଜୀ ଚରଣ ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉପାଧକ୍ଷ ବଦ୍ରି ନାରାୟଣ ସିଂହ, ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା, ରଞ୍ଜନ କୁମାର ପତି, ଶୁଭେନ୍ଦୁ କୁମାର କର, ସ୍ମିତାରାଣୀ ଲେଙ୍କା, ହିମାଂଶୁ କୁମାର ଦାସ, ସୁଶାନ୍ତ କୁମାର ପତି, ରଚନା ନାୟକ, ସସ୍ମିତା ଖଟୁଆ, ସାହିତ୍ୟା ପରୱିନ, ମିତା ମହାନ୍ତି, ନର୍ଗିସ ଫିରଦୋସ, ସହିଦା ବେଗମ, କିଶୋର କୁମାର ସିଂହ ପ୍ରମୁଖ ସହଯୋଗ କରିଥିଲେ।

# ଖଡ଼ିଅଣ୍ଟା ମହାଦେବ ମନ୍ଦିର ପ୍ରତିଷ୍ଠା ଯଜ୍ଞ ଆରମ୍ଭ

ପଟ୍ଟାମୁଣ୍ଡାଇ, ୧୯।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ନିକଟସ୍ଥ ଖଡିଅଣ୍ଟା ଗ୍ରାମରେ ଶ୍ରୀ ଶ୍ରୀକପିଳେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ହୋମଯଜ୍ଞ ବୁଧବାର ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ଗ୍ରାମର ମହିଳାପୁରୁଷ କଳସ ଶୋଭାଯାତ୍ରା ଯାଇ ଗୋବରୀ ନଦୀର କଳିଙ୍ଗା ଘାଟରୁ ଶୁଦ୍ଧ ଜଳ ଆଣି ମନ୍ଦିର ନିକଟସ୍ଥ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନା କରିଥିଲେ। ପରେ ଗୁରୁ, ଧରିତ୍ରୀ, ସୂର୍ଯ୍ୟ, ଗୋ ପୂଜା, ଶାଳା ମାର୍ଜନା, ଶୈବନାମଗ୍ରୀ ସ୍ଥାପନ, ସ୍ତମ୍ଭ ତୋରଣ ପୂଜା, ଅଗ୍ନି ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ପଣ୍ଡିତ ଦେବରାଜ ପାଢ଼ୀଙ୍କ ତତ୍ତ୍ୱାବଧାନରେ ବେଦଜ୍ଞ ପଣ୍ଡିତଙ୍କ ମନ୍ତ୍ର ଧ୍ୱନି ଓ ଯଜ୍ଞ କାର୍ଯ୍ୟ ସନ୍ଧ୍ୟାରୁ ଆରମ୍ଭ କରାଯାଇଛି। ଏହି ଯଜ୍ଞ ୩ଦିନ ଧରି ଚାଲିବ। ପୂଜା ଅବସରରେ ଖଡିଅଣ୍ଟା ଗ୍ରାମବାସୀଙ୍କ ସହଯୋଗ କରୁଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ପ୍ରବଚନ ତଥା ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯିବାକୁ ସ୍ଥିର କରାଯାଇଛି। ଗ୍ରାମବାସୀ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

# ବର୍ଷାରେ ବାଇକ୍ ଚକା ଖସି ୨ ଆହତ

ପିଚୁ ରାସ୍ତାରେ ଠିକାଦାର ପକାଇଥିଲେ ମାଟି

ପଟ୍ଟାମୁଣ୍ଡାଇ, ୧୯।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ-ରାଜନଗର ତଳରାସ୍ତା ପାର୍ଶ୍ୱରେ ଜଣେ ଠିକାଦାର ବେଆଇନ ଭାବେ ମାଟି ପକାଇ ନୟନଜୋରି ପୋତେଇ କରିଥିବା ପିଚୁ ରାସ୍ତାରେ ଚିକିଟା ମାଟି ପଡ଼ି ରହିଥିଲା। ବୁଧବାର ସନ୍ଧ୍ୟାରେ ବର୍ଷା ହେବାରୁ ମାଟି ରାସ୍ତାକୁ ବୋହି ଆସି କାଦୁଅ ହୋଇଯାଇଛି। ଫଳରେ ବାଇକ୍ ଚକା ଖସି ୨ ଆରୋହୀ ରାସ୍ତାରେ ପଡ଼ି ଖଣ୍ଡିଆ ଖାବରା ହୋଇ ଚିକିତ୍ସା ହେଉଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବାରୁ ପ୍ରଶାସନ ପକ୍ଷରୁ ଅଗ୍ନିଶମ ବାହିନ ନିୟୋଜିତ କରାଯାଇ ରାସ୍ତାରେ ପାଣି ପକାଇ ସଫେଇ କାର୍ଯ୍ୟ ଚାଲିଛି। ଏହି ରାସ୍ତା ସ୍ଥାନୀୟ ଅଞ୍ଚଳର ଲାଇଫ୍‌ଲାଇନ୍ କହିଲେ ଚଳେ। ପ୍ରତିଦିନ ଏହି ରାସ୍ତାରେ ପାଖାପାଖି ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଯାତାୟାତ କରିଥାନ୍ତି। ଏଠି ଏକାଧିକ ଶିକ୍ଷାନୁଷ୍ଠାନ ରହିଛି। ଏହି ରାସ୍ତା ଦେଇ ଲୋକେ ପଟ୍ଟାମୁଣ୍ଡାଇ, ରାଜନଗର, ଭିତରକନିକା, ମହାକାଳପଡ଼ା, ବଡ଼ପଡ଼ା ଆଦି ବଜାରକୁ ଯାତାୟାତ କରନ୍ତି। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ପ୍ରଶାସନ ଅଣଦେଖା କରୁଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।



ରାସ୍ତାରେ ଥିବା ଚିକିଟା ମାଟିକୁ ଅଗ୍ନିଶମ ବିଭାଗ କର୍ମଚାରୀ ପାଣି ପକାଇ ସଫା କରୁଛନ୍ତି।

# ଜମିଜମା ସମସ୍ୟାର ସମାଧାନ ହେବ

ମହାକାଳପଡ଼ା, ୧୯।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳର ଦୀର୍ଘଦିନର ଜମିଜମା ସମସ୍ୟା ସମାଧାନ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ସ୍ଥାନୀୟ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଜମିଜମା ସମସ୍ୟା ତୁଟିବ ବୋଲି ଏକ ପ୍ରତିନିଧି ଦଳଙ୍କ ସହ ଜିଲା ପ୍ରଶାସନ ଉପସ୍ଥିତିରେ ଆଲୋଚନା ହୋଇଥିଲା। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମିଳିବା ପରେ ବଙ୍ଗୀୟ ପଞ୍ଚାୟତଗୁଡ଼ିକରେ ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ମୁଗଚାଷରେ ରୋଗପୋକ ଦମନ ପାଇଁ ସଚେତନତା

ପାଟକୁରା, ୧୯।୨ (ରବୀନ୍ଦ୍ର ନାଥ ବାରିକ)

- ଗରଦପୁର କୃଷିବିଭାଗର ଅଧିକାରୀ ପ୍ରଶିକ୍ଷଣ ଦେଲେ

ଗରଦପୁର ବ୍ଲକରେ ଅଦିନିଆ ବର୍ଷାଯୋଗୁ ଧାନ ଅମଳରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ଏହି କ୍ଷତିକୁ କେତେକାଂଶରେ ଭରଣା କରିବାକୁ ରାଜ୍ୟ ସରକାର ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଯୋଜନାରେ ଗରଦପୁର ବ୍ଲକ ଅଞ୍ଚଳରେ ବ୍ୟାପକ ମୁଗ ଚାଷ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଯୋଜନା ଅନୁସାରେ ଚାଷୀମାନେ ସମସ୍ତ ପଞ୍ଚାୟତରେ ମୁଗ ଚାଷ କରିଛନ୍ତି। ବେତାରୀ ପଞ୍ଚାୟତର ପରକଣା ଗ୍ରାମର ଚାଷୀ ମଧ୍ୟ ମୁଗ ଚାଷ କରିଛନ୍ତି। ମଙ୍ଗଳବାର ପରକଣା ଜାଗେଶ୍ୱରୀ ମନ୍ଦିର ପରିସରରେ ଗରଦପୁର କୃଷି ବିଭାଗ ପକ୍ଷରୁ ଏକ କୃଷକ ସଚେତନତା ଶିବିର ଆୟୋଜନ ହୋଇଥିଲା। ବ୍ଲକ କୃଷି ଅଧିକାରୀ ଡ. ଗୌତମ ଦାଶଙ୍କ ଅଧକ୍ଷତାରେ ସହକାରୀ କୃଷିଅଧିକାରୀ ଅନିରୁଦ୍ଧ ତରାଇ, ଗ୍ରାମ କୃଷି କର୍ମଚାରୀ ଆରତୀ ଖୁଣ୍ଟୁର ପ୍ରମୁଖ ଉପସ୍ଥିତ ଥିଲେ। ପରକଣାର ମୁଗ ଚାଷୀଙ୍କୁ ଚାଷରେ ରୋଗ ପୋକ ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ମୁଗ ଚାଷରେ ସାହେବା ରୋଗ ହେଲେ ଗଛରେ ପତ୍ର ହଳଦିଆ ହୋଇଯାଏ ବୋଲି ବ୍ଲକ କୃଷି ଅଧିକାରୀ ଦାଶ ସୂଚନା ଦେଇଥିଲେ। ଏହି ରୋଗ ଆରମ୍ଭ ହେଲେ ପତ୍ରର ସବୁଜ କଣିକା ସବୁ ନଷ୍ଟ ହେବା ସହ ଉତ୍ପାଦନ କମିଯାଏ। ନିରାକରଣ ପାଇଁ ଏସବୁ ହଳଦିଆ ପତ୍ରକୁ କ୍ଷେତରୁ କାଢ଼ିଦେବା ଭଲ ବୋଲି ସେ କହିଥିଲେ। ସାହେବା ରୋଗର ବାହକ ହେଲେ ଧଳା ମାଛି। ଧଳା ମାଛି ପାଇଁ ମୁଗ କିଆରିରେ ଇମିଡା-କ୍ଲୋରପିଟ ସିଞ୍ଚନ କରିବାକୁ ଡ. ଦାଶ ପରାମର୍ଶ ଦେଇଥିଲେ। ଗାଁର ଚାଷୀ ବିରଜା ମହାପାତ୍ର, ନାରାୟଣ ସାହୁ, ଅଭୟ ସେନାପତି, ଅଶୋକ ମହାପାତ୍ର, ଭବାନୀ ପଣ୍ଡା, ନବଘନ ମିଶ୍ର, ଗୌରାଙ୍ଗ ନାୟକଙ୍କ ସମେତ ୪୦ ଚାଷୀ ଶିବିରରେ ଭାଗ ନେଇଥିଲେ। କୃଷକ ସାଥୀ ବିଜ୍ଞାନ ବିଶ୍ୱାଳ ଓ ରବୀନ୍ଦ୍ର ପରିଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ପୁରସ୍କାର ବିତରଣ ଉତ୍ସବ

ଡେରାବିଶ, ୧୯।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁର ବଟ ମହାପୁରୁଷ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୈଧୁରୀ ସରୋଜକାନ୍ତ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ର, ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି, ରାମଚନ୍ଦ୍ର ଆଚାର୍ଯ୍ୟ ସମ୍ମାନୀତ ଅତିଥି ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବୈକୁଣ୍ଠ ନାଥ ନାୟକ ଯୋଗଦେଇ ପାଠ ସହିତ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରାରମ୍ଭରେ ସାମାଜିକ କର୍ମୀ ସ୍ମାରକ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ନିର୍ମଳା ହୋତା, ପ୍ରଜ୍ଞା ପାରମିତା ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଭାବଗ୍ରାହୀ କର ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# କୁଳବେଉସା ହରାଇବାକୁ ବସିଲେଣି ବାଦ୍ୟଯନ୍ତ୍ର କାରିଗର

ପାଟକୁରା, ୧୯।୨ (ରବୀନ୍ଦ୍ର ନାଥ ବାରିକ)





ବନ୍ଧୁ ଘଡେଇ ପଥରରେ ମୃଦଙ୍ଗ ତଳି ସଫା କରୁଛନ୍ତି। ପୁଅ ସୁରେଶ ଘଷି ନିଆଁରେ ମୃଦଙ୍ଗ ତଳି ସେକୁଛନ୍ତି।

ସନାତନହିନ୍ଦୁଧର୍ମସହଜଡିତମାନବସଭ୍ୟତା ନାମ ସଂକୀର୍ତ୍ତନରେ ଅଙ୍ଗାଙ୍ଗୀ ଜଡ଼ିତ। ମନୁଷ୍ୟ ଜନ୍ମ ପାଳାଠାରୁ ଶବାଧାରରେ ନାମ ସଂକୀର୍ତ୍ତନରେ ମୃଦଙ୍ଗ ଦରକାର ପଡ଼ିଥାଏ। କିନ୍ତୁ ଯେଉଁ ଚମଡା କାରିଗର ଏହାକୁ ନିଜର କୌଳିକ ବୃତ୍ତି ଭାବେ ଆଦରି ନେଇ ମୃଦଙ୍ଗ ଯୋଗାଉଛନ୍ତି, ଏବେ ସେମାନେ କୁଳ ବେଉସା ହରାଇବାକୁ ବସିଛନ୍ତି। କୌଣସି ସରକାରୀ ପ୍ରୋତ୍ସାହନ ମିଳୁନାହିଁ ବୋଲି କାରିଗର ଅଭିଯୋଗ କରିଛନ୍ତି। ପାଟକୁରା ଗାଁରେ ବନ୍ଧୁଘଡେଇ(୭୫)ଙ୍କ ପେସାହେଲା ମୃଦଙ୍ଗ, ଲାଲ, ଢୋଲକ, ତବଲା ତିଆରି କରିବା। ୫୫ ବର୍ଷ ହେବ ସେ ଏହି କାର୍ଯ୍ୟରେ ମନୋନିବେଶ କରିଛନ୍ତି। ତାଙ୍କୁ ଯେତେବେଳେ ୨୦ ବର୍ଷ ହୋଇଥିଲା ସେତେବେଳେ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ମୃଦଙ୍ଗ ପାଇଁ ମାଟିହାଣ୍ଡି ନୃର୍ତ୍ତଙ୍ଗ-କୁଆଁପାଳରୁ ଆସେ। ଲାଲ, ଢୋଲକ, ତବଲା ପାଇଁ କାଠହାଣ୍ଡି କଟକରୁ ଆଣିବାକୁ ପଡିଥାଏ। ମୃଦଙ୍ଗ, ତବଲା, ଢୋଲକ, ଲାଲରେ ଚମଡ଼ା ବିଭିନ୍ନ ଅଞ୍ଚଳରୁ ଯୋଗାଡ଼ କରିବାକୁ ପଡିଥାଏ। ଉପରୋକ୍ତ ବାଦ୍ୟଯନ୍ତ୍ର କିରଣ ପାଇଁ କୋଇଲା ମିଶା ଲୁହା ଗୁଣ୍ଡ କଲିକତାରେ ହିଁ ମିଳିଥାଏ। ବିଭିନ୍ନ ଅଞ୍ଚଳରୁ ଏସବୁ ସାମଗ୍ରୀ ସଂଗ୍ରହ କରି ବାଦ୍ୟଯନ୍ତ୍ର ପ୍ରସ୍ତୁତ କରିବା କଷ୍ଟକର ହେଉଛି ବୋଲି ବନ୍ଧୁ କହିଛନ୍ତି। ତାଙ୍କ ପାଖକୁ ଜଗତ୍‌ସିଂହପୁର, କଟରା, ଇଟାଙ୍ଗୀ, ବେଗୁନିଆ, ବନ୍ଧବାଟି, ଖଣ୍ଡାସାହି, କୋଷ୍ଟି, ପାରାଦୀପ, ପଟ୍ଟାମୁଣ୍ଡାଇ, ଏରସମା, ଭୁବନ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବାଦ୍ୟ ଯନ୍ତ୍ର କାମ ପାଇଁ ଲୋକେ ଆସନ୍ତି। ବୟସାଧିକ କାରଣରୁ ବାଦ୍ୟଯନ୍ତ୍ର ତିଆରି କରିବାକୁ କଷ୍ଟ ଲାଗେ, କିନ୍ତୁ ଲୋକଙ୍କ ପଦିଏ କଥା ବନ୍ଧୁଭାଇ କେମିତି ଅଛ କହିଲା ପରେ ସବୁ କଷ୍ଟ ଭୁଲି ଯାଏ ବୋଲି ସେ କହିଛନ୍ତି। ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ପୁଅ ସୁରେଶ ଅଣ୍ଟା ଭିଡ଼ିଛନ୍ତି। ବନ୍ଧୁ ତାଙ୍କ ବାପାଙ୍କଠାରୁ ବାଦ୍ୟ ଯନ୍ତ୍ର ତିଆରି କରିବା କଳା କୌଶଳ ଯେତିକି ଶିଖିଥିଲେ ଏବେ ତାଙ୍କ ପୁଅ ସୁରେଶକୁ ଶିଖାଉଛନ୍ତି। ମୃଦଙ୍ଗରେ କିରଣ ଦେବା ପୂର୍ବରୁ ଘଷିନିଆଁରେ ମୃଦଙ୍ଗ ତଳିକୁ ସେକିବାକୁ ପଡୁଛି। ଘଷି ନିଆଁ ଉତ୍ତାପ ଏଥିପାଇଁ ଠିକ୍ ବୋଲି ପୁଅ ସୁରେଶ କହିଛନ୍ତି। ମୃଦଙ୍ଗରେ କିରଣ ଦେବାକୁ ୫ ଶହ ଟଙ୍କା ମୂଲ୍ୟ ଦେବାକୁ ପଡ଼ିଥାଏ। ଦୁଇପଟ ତଳା ଛପର ପାଇଁ ୩ ହଜାର ଟଙ୍କା, ନୂଆ ମୃଦଙ୍ଗ ମୂଲ୍ୟ ୬ ହଜାର, ତବଲା ୪ ହଜାର, ଲାଲ ୪ ହଜାର, ଢୋଲକ ୫ ହଜାରରେ ବିକ୍ରୟ ହେଉଛି ବୋଲି ବନ୍ଧୁ କହିଛନ୍ତି। ସାମଗ୍ରୀର ଅଭାବ ଓ ମୂଲ୍ୟ ବୃଦ୍ଧି ଯୋଗୁ ବାଦ୍ୟ ଯନ୍ତ୍ରର ମୂଲ୍ୟ ବଢ଼ି ଯାଉଛି। ଏତେ ପରିଶ୍ରମ କଲେ ବି ଆଶାନୁରୂପ ରୋଜଗାର ହୋଇପାରୁନି। ବିଭିନ୍ନ କୌଳିକ ବୃତ୍ତି ପାଇଁ ରାଜ୍ୟ ସରକାର ଉନ୍ନତ କାରିଗରି ତାଲିମ ଓ ପ୍ରୋତ୍ସାହନ ଦେଉଛନ୍ତି। ବଢେଇଙ୍କୁ କାଠ କାମ କରିବାକୁ ପ୍ରଶିକ୍ଷଣ, ଅତ୍ୟାଧୁନିକ ମାଟି କାମ ପାଇଁ କୁମ୍ଭାରଙ୍କୁ ପ୍ରଶିକ୍ଷଣ, ତନ୍ତ କାର୍ଯ୍ୟ କରୁଥିବା କାରିଗରଙ୍କୁ ମଧ ଉନ୍ନତ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି। ଫଳରେ ସେମାନେ କୌଳିକ ବୃତ୍ତିରେ ଉନ୍ନତମାନର ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଆଜି ପର୍ଯ୍ୟନ୍ତ ସରକାର ଚମଡ଼ାରେ ବାଦ୍ୟଯନ୍ତ୍ର ତିଆରି କରୁଥିବା କାରିଗରଙ୍କୁ ପ୍ରଶିକ୍ଷଣ ଦେଉନାହାନ୍ତି। ସେଥିପାଇଁ ମୃଦଙ୍ଗ ତଳି ସଫା କରିବାକୁ ପଥରରେ ଘଷିବାକୁ ପଡୁଛି ଏବଂ ମୃଦଙ୍ଗ ତଳିକୁ ଘଷି ନିଆଁରେ ଶୁଖାଇବାକୁ ପଡୁଛି ବୋଲି ବନ୍ଧୁ ମନଦୁଃଖରେ କହିଛନ୍ତି। ନୂତନ ଜ୍ଞାନକୌଶଳରେ କାମ ଶିଖିଲେ ବାଦ୍ୟଯନ୍ତ୍ରଗୁଡ଼ିକ ଉନ୍ନତମାନର ହେବ, ପରିଶ୍ରମ କମିବ, ମୂଲ୍ୟ କମିବ ଓ ଲୋକଙ୍କ ଚାହିଦା ରହିବ।

# ମାନସିକତାରେ ପରିବର୍ତ୍ତନ ନ ଆସିଲେ ବଦଳିବ ନାହିଁ ପୁଅର ମୋହ

ନୟାଗଡ଼,୧୯।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାସ୍ତରୀୟ ଜାତୀୟ କନ୍ୟା ଦିବସ ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ମାନସିକତାରେ ପରିବର୍ତ୍ତନ ନ ଆସିଲେ ବଦଳିବ ନାହିଁ ପୁଅର ମୋହ। ବିଜ୍ଞାନର କ୍ଷତିକାରକ ଦିଗକୁ ଅଧିକ ବ୍ୟବହାର କରାଯାଉଥିବାରୁ ଝିଅ ଜନ୍ମ ପରେ ବି ହତ୍ୟାକୁ ରୋକି ହେଉନି। ସାଧାରଣତଃ ମା'ମାନେ ଚାହାନ୍ତି ଝିଅ ନ ହୋଇ ପୁଅ ହେଉ। ଝିଅ ବିବାହ କରି ଚାଲି ଯାଉଥିବା ବେଳେ ବୃଦ୍ଧ ବୟସରେ ପୁଅର ଆବଶ୍ୟକତାକୁ ଭିତ୍ତି କରି ଏଭଳି ଆଶା ରଖାଯାଉଛି। ଆମର ସମାଜ ସେହିପରି ହୋଇଯାଇଛି। ଏହାକୁ ସାମାଜିକ ପ୍ରଥାର ବି କୁହାଯିବ। ଏପରି ହେବା ଦ୍ୱାରା ଝିଅର ଅଧିକାର କ୍ଷୁଣ୍ଣ ହେଉଛି। ଏନେଇ ପରିବର୍ତ୍ତନ ଆଣିବାକୁ ହେଲେ ଶିକ୍ଷକ ଓ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଭିଭାବକ ଶିକ୍ଷା ପାଇଲେ ସମାଜର ଉନ୍ନତି ଘଟିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ତଥା ଶିକ୍ଷା ଷ୍ଟାଣ୍ଡିଂ କମିଟି ସଦସ୍ୟା ସଂଯୁକ୍ତା ପଡ଼ିହାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜୟଶ୍ରୀ ପ୍ରଧାନ,



ଜାତୀୟ କନ୍ୟା ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

## ଜିଲାସ୍ତରୀୟ ଜାତୀୟ କନ୍ୟା ଦିବସ ସମାରୋହ

ଶିଶୁ ସୁରକ୍ଷା ଆଇନ ପରାମର୍ଶଦାତା ଅର୍ସାଦ ଅନସାରୀ,ସହକାରୀ ଜିଲାପାଳ ତପସ୍ୱିନୀ ହାଁସଦା, ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ଦଶପଲ୍ଲା ବ୍ଲକ ଶିକ୍ଷାଧିକାରୀ ଭକ୍ତ ବିନୋଦ ସଲ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ପ୍ରମୁଖ ଯୋଗଦାନ କରିଥିଲେ। ଜିଲା ସମଗ୍ର ଶିକ୍ଷା ବାଳିକା ସଂଯୋଜିକା ଶ୍ରାବଣୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କଲେଜ ଲେନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ବାଳିକା ସୁରକ୍ଷା ସଚେତନ ଧର୍ମୀ ନାଟିକା ମଞ୍ଚସ୍ଥ କରିଥିଲେ। ଶେଷରେ କନ୍ୟା ଦିବସ ଉପଲକ୍ଷେ ଜିଲାସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ କିଛି ଘଟଣା ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା ।ମୁଖ୍ୟ ଅତିଥି ଜିଲା ଶିକ୍ଷା ଅଧିକାରୀ ଦୀପ ପ୍ରଜ୍ୱଳନ କରିବାକୁ ଯାଉଥିବା ବେଳେ ଜଣେ ମହିଳା କର୍ମଚାରୀ ପ୍ରଥମେ ଦୀପ ଜାଳି ଦେଇଥିଲେ। ସେହିପରି ପ୍ରଦୀପ ପ୍ରଜ୍ୱଳନ ସମୟରେ ଶିଶୁ ସୁରକ୍ଷା ଆଇନ ପରାମର୍ଶଦାତା ଅର୍ସାଦ ଅନସାରୀ ଚପଲ କାଢ଼ି ନ ଥିବା ଦେଖିବାକୁ ମିଳିଥିଲା। ଏହି ଦୁଇ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ସମଗ୍ର ଶିକ୍ଷା ସଂଯୋଜିକା ଶୁଭସ୍ମିତା ଦାଶ,ବଳରାମ ଦାସ,ଶିକ୍ଷକ ଗୋକୁଳ ମାଝୀ, ପ୍ରଦୀପ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସିଆରସିସି ବିଭୂତି ଭୂଷଣ ମିଶ୍ର, ସନ୍ତୋଷ ପ୍ରଧାନ, ଉମେଶ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିବା ବେଳେ ସଂଯୋଜିକା କ୍ରିଷ୍ଣାରାଣୀ ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଫତେଗଡ଼ ଟିମ୍ ଚାମ୍ପିୟନ

ନୟାଗଡ଼/ଭାପୁର,୧୯।୨(ଲୋକନାଥ ମିଶ୍ର/ ଭରତ କୁମାର ବେହେରା)

## ବାପୁଜୀ କ୍ରିକେଟ ଟୁର୍ନାମେଣ୍ଟ

ଭାପୁର ବ୍ଲକ ଭାପୁର ପଞ୍ଚାୟତ ଅଧୀନ ଏଲପଡା ଗ୍ରାମ ପଡ଼ିଆରେ ଚାଲିଥିବା ୨୮ତମ ବାପୁଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲରେ ଫ୍ରେଣ୍ଡସ କ୍ଲବ ଫତେଗଡ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ୮ ଟିମକୁ ନେଇ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଫାଇନାଲରେ ଫ୍ରେଣ୍ଡସ କ୍ଲବ ଫତେଗଡ ସହ ମହୁଲିଆ କ୍ରିକେଟ ଟିମର ମୁକାବିଲା ହୋଇଥିଲା । ଫତେଗଡ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୭ ରନ କରିଥିଲା।ଜବାବ୍‌ରେ ମହୁଲିଆ ବ୍ୟାଟିଂ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୨୦ ରନ କରି ପରାଜିତ ହୋଇଥିଲା। ଚାମ୍ପିୟନ ଦଳର ସୁବାସ ଚନ୍ଦ୍ର ସ୍ୱାଇଁ ବ୍ୟାଟିଂ କରି ୫୪ ବଲରେ ୧୦୫ ରନ୍ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ ଓ ରନର୍ସ, ମହୁଲିଆ କ୍ରିକେଟ ଟିମର ସୁନୀଲ ରଣସିଂହ ମ୍ୟାନ ଅଫ୍ ଦ ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ କୁଲୁ ଓ ସିବୁଲ । ଧାରାବିବରଣୀ ସହାୟତା କରିଥିଲେ ସୁଶାନ୍ତ କୁମାର ବଳିୟାର ସିଂ ଓ ସ୍କୋରର ସହାୟତା କରିଥିଲେ ମଳୟ କୁମାର ସ୍ୱାଇଁ। ମୁଖ୍ୟ ଅତିଥି ଭାବେ ଯୁବ ଉଦ୍ୟୋଗପତି ରାମଚନ୍ଦ୍ର ପ୍ରଧାନ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ଫତେଗଡ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହିତ ନଗଦ ସାଢେ ୬ହଜାର ଟଙ୍କା ଓ ମହୁଲିଆ କ୍ରିକେଟ ଟିମ୍‌କୁ ରନର୍ସ ଟ୍ରଫି ସହିତ ସାଢ଼େ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ବାପୁଜୀ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ଗଛରେ ପିଟିହେଲା ବାଇକ୍, ୨ ମୃତ

ନୂଆଗାଁ,୧୯।୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ପଞ୍ଚୁପାଣ୍ଡବ ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଧୀର ମଲିକ ଓ ଦେବାଶିଷ ଯାନୀ। ମିଳିଥିବା ସୂଚନା ଅନୁଯାୟୀ, ନୂଆଗାଁ ଥାନା ମାଇଛେଳି ପଞ୍ଚାୟତ କପାଗାଡୁ ଗ୍ରାମର ସୁଧୀର(୩୩) ଏବଂ ଦଶପଲ୍ଲା ଥାନା ଗୁଣ୍ଡାପାଙ୍କୁ ଗ୍ରାମର ଦେବାଶିଷ(୨୨) ବାଇକ୍(ନଂ.ଓଡି ୧୨ ବି ୭୮୨୧)ରେ ମଙ୍ଗଳବାର ବିଳମ୍ବିତ ରାତିରେ ନୂଆଗାଁରୁ ମହିପୁର ଅଭିମୁଖେ ଯାଉଥିଲେ। ନୂଆଗାଁ ପଞ୍ଚୁପାଣ୍ଡବ ନିକଟରେ ବାଇକ୍ ଚାଳକ ଗାଡ଼ିରୁ ଭାରସାମ୍ୟ ହରାଇ ଥିଲେ। ଫଳରେ ବାଇକ୍‌ଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଉଭୟ ରାସ୍ତାରେ ଛିଟିକି ପଡିଥିଲେ । ଖବରପାଇ ନୂଆଗାଁ ଅଗ୍ନିଶମ ବାହିନୀ ଏବଂ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୪୩୩ ଛାତ୍ରୀଛାତ୍ର ପରୀକ୍ଷା ଦେଲେ, ୯ ଅନୁପସ୍ଥିତ


ଛାତ୍ରୀମାନେ ପରୀକ୍ଷା ହଲ୍‌କୁ ଯିବାକୁ ଅପେକ୍ଷା କରିଛନ୍ତି।

ଗଣିଆ,୧୯।୨(ସନ୍ତୋଷ କୁମାର ପ୍ରଧାନ)

## +୨ କଳା ପରୀକ୍ଷାର ପ୍ରଥମ ଦିନ

ଚଳିତ ବର୍ଷର +୨ କଳା ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି । ଗଣିଆ ବ୍ଲକର ୩ ପରୀକ୍ଷା କେନ୍ଦ୍ରରେ ୪୩୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥିପାଇଁ ଗଣିଆ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷାର ପ୍ରଥମ ଦିନ ୩ଟି କେନ୍ଦ୍ରରେ କୌଣସି ବିଶୃଙ୍ଖଳା ଘଟିନାହିଁ। ଚଳିତ ବର୍ଷ +୨ କଳା ପରୀକ୍ଷା ଦେବା ପାଇଁ ୪୪୨ଜଣ ଛାତ୍ରୀ ଛାତ୍ର ଫର୍ମ ପୂରଣ କରିଥିଲେ। ବୁଧବାର ପ୍ରଥମ ଦିନ ୯ଜଣ ଛାତ୍ରୀ ଛାତ୍ର ଅନୁପସ୍ଥିତ ଥିବା ସୂଚନା ମିଳିଛି। ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୨୧୪ଜଣ ପରୀକ୍ଷା ଦେଇଛନ୍ତି, ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ଡ. ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟ କେନ୍ଦ୍ରରେ ୧୦୦ଜଣ ପରୀକ୍ଷା ଦେବାକୁ ଥିବାବେଳେ ୯୩ ଜଣ ପରୀକ୍ଷା ଦେଇଛନ୍ତି, ୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ସେହିଭଳି ବନମାଳୀ ବାରିକି ମହାବିଦ୍ୟାଳୟ କେନ୍ଦ୍ରରେ ୧୨୭ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୨୬ ଜଣ ପରୀକ୍ଷା ଦେଇଛନ୍ତି, ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଚଳିତ ବର୍ଷ ପରୀକ୍ଷାରେ କପି ରୋକିବା ପାଇଁ ବହୁ ବନ୍ଦୋବସ୍ତ କରାଯାଇଛି।

# ଗରିବ ବୃଦ୍ଧା ଫେରାଇଲେ ସୁନାମୁଦି

ନୟାଗଡ଼,୧୯।୨(ଲୋକନାଥ ମିଶ୍ର)

ନୟାଗଡ଼ ବାସିନ୍ଦା ମନୋରଞ୍ଜନ ମିଶ୍ରଙ୍କ ପୋଖରୀରେ ହଜିଥିବା ସୁନାମୁଦିକୁ ଜଣେ ଗରିବ ବୃଦ୍ଧା ପାଇ ତାଙ୍କୁ ଫେରାଇଛନ୍ତି । ମିଶ୍ର ମା'ଙ୍କ ଶୁଦ୍ଧକ୍ରୀୟା ପାଇଁ ରତନପୁର ପୋଖରୀରେ ସ୍ନାନ କରୁଥିବାବେଳେ ତାଙ୍କ ସୁନା ମୁଦି ପୋଖରୀ ପାଣିରେ ହଜି ଯାଇଥିଲା । ବହୁ ଖୋଜାଖୋଜି ପରେ ମୁଦି ମିଳି ନ ଥିଲା । କୁମ୍ଭାରିଆ ଲଡୁକେଶ୍ୱରପୁର ଗାଁର ସୁବାସିନୀ ଚଣ୍ଡ ନାମକ ଜଣେ ୬୫ ବର୍ଷ ବୟସ୍କ ବୃଦ୍ଧା ରତନପୁର ଗାଁ ପୋଖରୀରେ ସ୍ନାନ କରୁଥିଲେ । ସ୍ନାନ କରିବା ସମୟରେ ଗୋଡରେ ସୁନା ମୁଦି ବାଜିଥିଲା । ପାଣିରେ ବୁଡି ସୁନାମୁଦିକୁ ପାଇ ମିଶ୍ରଙ୍କୁ ଫେରାଇ ଥିଲେ । ଏହି ଘଟଣାକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଯୋଗ ପ୍ରଶିକ୍ଷଣ ପ୍ରମାଣପତ୍ର ବଣ୍ଟନ ମେଳା

ନୟାଗଡ଼,୧୯।୨(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରର ବୁଦ୍ଧଦେବ ଯୋଗ ମଣ୍ଡପରେ ପ୍ରକୃତି ଶାନ୍ତି ଯଜ୍ଞ ସହ ଯୋଗ ପ୍ରଶିକ୍ଷଣ ପ୍ରମାଣପତ୍ର ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧଦେବ ଯୋଗ ମଣ୍ଡପରେ ୨ ବର୍ଷ ହେବ ଯୋଗ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ଶତାଧିକ ବ୍ୟକ୍ତି ଯୋଗଶିକ୍ଷା ଲାଭ କରିଛନ୍ତି । ବିଗତ ୩ ମାସ ପୂର୍ବରୁ ୨୫ ଦିନିଆ ଯୋଗ ପରୀକ୍ଷା ହୋଇଥିଲା । ଏଥିରେ ଉତ୍ତୀର୍ଣ୍ଣ ୪୦ ବିଦ୍ୟାର୍ଥୀଙ୍କୁ ହରିଦ୍ୱାର ପତାଞ୍ଜଳି ଯୋଗପୀଠରୁ ଆସିଥିବା ପ୍ରମାଣପତ୍ର ପ୍ରଦାନ କରାଯାଇଛି । ପତଞ୍ଜଳି ଯୋଗପୀଠ ଓଡିଶାର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ପାଣି, ମାଳତୀ ତ୍ରିପାଠୀ, ବାଳକୃଷ୍ଣ ନନ୍ଦ, ଯୋଗଗୁରୁ ପ୍ରତାପ କୁମାର ରଣସିଂହ, ଛାଟିଆ ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, ବଳରାମ ମୁଦୁଲି, ରେଡ଼କ୍ରସର ଉପଦେଷ୍ଟା ବିଭୁତି ଭୂଷଣ ପଟ୍ଟନାୟକ ପ୍ରମୁଖ ଏହି ଉତ୍ସବରେ ସାମିଲ ହୋଇଥିଲେ ।

# ଯକ୍ଷ୍ମା ରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ

ନୟାଗଡ଼,୧୯।୨(ଲୋକନାଥ ମିଶ୍ର)

'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମ ଅଧୀନରେ ଭରପ୍ରାପ୍ତ ଚିକିତ୍ସା ଅଧିକାରୀ ଜ୍ଞାନଜ୍ୟୋତି ଦାଶ ଯକ୍ଷ୍ମା ରୋଗରେ ଚିକିତ୍ସାଧୀନ ନୟାଗଡ଼ ବ୍ଲକ ଜହ୍ନିପାଦ ଗ୍ରାମର ଯକ୍ଷ୍ମା ରୋଗୀ ଗୋପାଳ ସ୍ୱାଇଁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି । ସରକାର ଯକ୍ଷ୍ମା ରୋଗୀଙ୍କ ପୁଷ୍ଟିକର ଖାଦ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଖାଦ୍ୟ-ଟୋକେଇର ପରିକଳ୍ପନା କରିଛନ୍ତି । ରୋଗୀର ପ୍ରତ୍ୟକ୍ଷ ଲାଭ ପାଇଁ ସେମାନେ ଏହାକୁ ପାଇଲେ ମାକ୍ରୋନ୍ୟୁଟ୍ରିଏଣ୍ଟସ (କାର୍ବୋହାଇଡ୍ରେଟ, ପ୍ରୋଟିନ, ଏବଂ ଫ୍ୟାଟ) ବ୍ୟତୀତ ଜଣେ ଯକ୍ଷ୍ମା ରୋଗୀଙ୍କ ଖାଦ୍ୟରେ ଜିଙ୍କ, ଆଇରନ, ଭିଟାମିନ ଡି ଏବଂ ଫୋଲିକ ଏସିଡ ଭଳି ମାଇକ୍ରୋ ପୋଷକ ତତ୍ତ୍ୱ ଆବଶ୍ୟକ ହୁଏ ତାହା ପୂରଣ ହୋଇପାରିବ। ଏଥିପାଇଁ ରୋଗୀକୁ ଡାଲି, ଚାଉଳ, ତେଲ, ହରଲିକ୍ସ ଓ ଅଣ୍ଡା ଥିବା ଏକ ଖାଦ୍ୟ ପ୍ୟାକେଟ ପ୍ରତିମାସରେ ଚିକିତ୍ସା ଚାଲିଥିବା ପର୍ଯ୍ୟନ୍ତ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଅବସରରେ ବଡପଣ୍ଡୁସରସ୍ଥିତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନ,ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତା ପ୍ରଧାନ,ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା ,ସୁଜାତା ରଣସିଂ, ଆଶୁତୋଷ ଲେଙ୍କା, ଦୀପ୍ତିରେଖା ସ୍ୱାଇଁ,ମଧୁସ୍ମିତା ଦାସ ସଂଯୋଜନାରେ ସମସ୍ତ ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜଣେ ଯକ୍ଷ୍ମାରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ କରାଯାଉଛି।

# ନିଆଁରେ ପୋଡ଼ିଗଲା ୪ ଏକର ଜମିର ପାଳ

ଓଡଗାଁ,୧୯।୨
(ଆଦର୍ଶ କୁମାର ପଟ୍ଟନାୟକ )

## ଦମକଳ ଗାଡ଼ିର ଚାଳକ ନ ଥିବାରୁ ଅସନ୍ତୋଷ

ନୟାଗଡ଼ ଜିଲା ଓଡ଼ଗାଁ ଏନଏସି ରେଞ୍ଜର ଅଫିସ ସାମ୍ନା ଶ୍ରୀରାମ ନଗର ସାହିରେ ଗୋଟିଏ ବଡ଼ ପାଳଗଦାରେ ନିଆଁ ଲାଗିଯିବାରୁ ତାହା ସମ୍ପୂର୍ଣ୍ଣ ପୋଡିଯାଇଛି।ଚାଷୀ ନାରାୟଣ ସାହୁ ତାଙ୍କ ନିଜ ବାଡ଼ିରେ ୪ ଏକର ଜମିର ପାଳ ଜମା କରିଥିଲେ । ବୁଧବାର ଅପରାହ୍ନରେ ପାଳ ଗଦାର ଶୀର୍ଷରେ ରହି ତୁଳି ମାରୁଥିଲା ବେଳେ ପାଳ ଗଦା ତଳୁ ହଠାତ୍ ନିଆଁ ଜଳି ଉଠିଥିଲା। ଏନେଇ ସେ ଅଗ୍ନିଶମ ସେବାକେନ୍ଦ୍ର ସହ ଯୋଗାଯୋଗ କରିଥିଲେ। ହେଲେ ପ୍ରାୟ ଅଧଘଣ୍ଟାଏ ପରେ ଦମକଳଗାଡି ପହଞ୍ଚିଥିଲା। ପୁଣି ନିଆଁକୁ ଆୟତ୍ତ କରୁଥିବା ବେଳେ ଟାଙ୍କିରୁ ପାଣି ସରିଯାଇଥିଲା। ଦମକଳ ସେବାକେନ୍ଦ୍ରରେ ଜରୁରୀକାଳୀନ ସେବା ପ୍ରଦାନ ନିମନ୍ତେ କୌଣସି ଗାଡ଼ି ଚାଳକ ନ ଥିବାରୁ ଗାଡ଼ି ଚାଳନା ଜାଣିଥିବା ଜଣେ ଫାୟାର ମ୍ୟାନ ଘଟଣାସ୍ଥଳରୁ ଏକ ବାଇକ୍‌ରେ ଯାଇ ଅନ୍ୟ ଏକ ଗାଡ଼ିରେ ପାଣି ପମ୍ପ ଆଣିଥିଲେ। ହେଲେ ତାହାକୁ ସଜାଡି ଚଳାଇବା ବେଳକୁ ୨୦ ମିନିଟରୁ ଊର୍ଦ୍ଧ୍ୱ ସମୟ ବିତିଗଲା। ମାତ୍ର ଚାଲିବାର ଦେଢ଼ ଘଣ୍ଟା ପରେ ପାଣି ପମ୍ପ ଖରାପ ହୋଇଗଲା। ପୁନର୍ବାର ଅନ୍ୟ ଗୋଟିଏ ପାଣି ପମ୍ପ ମାଧ୍ୟମରେ ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇଥିଲା। ପ୍ରାୟ ୩ ଘଣ୍ଟାର ସଂଘର୍ଷ ପରେ ନିଆଁକୁ ଆୟତ୍ତ କରାଯାଇଥିଲା।

# କାମ କରି ପ୍ରାପ୍ୟ ପ୍ରଦାନରେ ବିଳମ୍ବ ନେଇ ଉଦ୍‌ବେଗ

ଖଣ୍ଡପଡ଼ା,୧୯।୨
(ଅଜୟ କୁମାର ମହାରଣା)

ଅଧିକାଂଶ ସମୟରେ ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ଅବା ଅଜ୍ଞାତସାରରେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି କାମ ନ କରି ବିଲ ପାଇବା ପାଇଁ ପ୍ରୟାସ କରିଥାଆନ୍ତି। ହେଲେ ଅନେକ ବ୍ୟକ୍ତି ଦୀର୍ଘ ବର୍ଷ ହେଲା କାମ କରି ପ୍ରାପ୍ୟ ପାଇବା ପାଇଁ ବ୍ଲକକୁ ଦୌଡୁ ଥାଆନ୍ତି। ଏମିତି କେତେଜଣ ଠିକାଦାର ଦୀର୍ଘ ବର୍ଷରୁ କାମ ଶେଷ କରି ପ୍ରାପ୍ୟ ପାଇ ପାରୁନାହାନ୍ତି । କାମ ନ କରି ବିଲ ପାଇଁ ପ୍ରୟାସ ଜାରି ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଜନଶୁଣାଣି ଶିବିରରେ ପ୍ରସ୍ତାବ ଆଗତ ହୋଇଛି। ଯେଉଁ ବ୍ୟକ୍ତିମାନେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ ଶେଷ କରି ପ୍ରାପ୍ୟ ପାଇ ପାରୁ ନାହାନ୍ତି ସେମାନଙ୍କ ପାଇଁ କି ପ୍ରକାର ପ୍ରାବଧାନ କରାଯିବ ବୋଲି ଗୃହରେ ଉପସ୍ଥିତ ଥିବା ୬ନଂ. ଜିଲା ପରିଷଦ ସଭ୍ୟା ଉଜ୍ୱଳ ମହାରଣା ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବନ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଅସନ୍ତୋଷ ପ୍ରକାଶ କରି ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଥିଲେ ।

# ଜନସଚେତନତା ପାଇଁ ପାଲା ପରିବେଷଣ

ଶରଣକୁଳ,୧୯।୨(ଦୀପକ କର)

ଶରଣକୂଳ ନିକଟ ମଗରବନ୍ଧ ପଞ୍ଚାୟତ ସାବିଦେଇପୁର ଓ ଆଖପାଖ ଗ୍ରାମରେ କନ୍ୟାଭ୍ରୁଣ ହତ୍ୟା, କିଶୋରୀ ବାଳିକା ସଚେତନ, ବାଲ୍ୟ ବିବାହ, ଯକ୍ଷ୍ମା ନିରାକରଣ ଆଦି ବିଷୟରେ ସରକାରଙ୍କ ପକ୍ଷରୁ ପାଲା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବୁଧବାର ସାବିଦେଇପୁର ଗ୍ରାମରେ ଏହି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମର ଏନ୍‌ଏମ୍ ଦିଦି, ଅଙ୍ଗନୱାଡ଼ି ଦିଦି, ଆଶା ଦିଦି ଓ ଗାଁ କଲ୍ୟାଣସମିତିର ସଭାପତି ମଙ୍ଗରାଜ ବେହେରା ସହଯୋଗ କରିଥିଲେ। ଏହି ପାଲାରେ ଗାୟକ ତ୍ରିନାଥ ପ୍ରଧାନ, ସହଯୋଗୀ ଶ୍ରୀଧର ପାତ୍ର, ମହେଶ୍ୱର କାଣ୍ଡି, କାବୁଲି ଜେନା, ଗୌରାଙ୍ଗ ରାଉତ, ଶଙ୍କର ମୁଦୁଲି ପ୍ରମୁଖ ପାଲା ପରିବେଷଣ କରିଥିଲେ। ମା'ର ଗର୍ଭରେ ବଢୁଥିବା ଛୁଆର ଲିଙ୍ଗ ପରୀକ୍ଷା କରିବାପରେ ଯେତେବେଳେ ଜଣାପଡୁଛି ଯେ ଗର୍ଭରେ ବଢୁଥିବା ଶିଶୁଟି କନ୍ୟାଟିଏ ତେବେ ତାକୁ ମା'ର ଗର୍ଭରୁ ହିଁ ମାରିଦିଆଯାଉଛି। ଏହାକୁ କିପରି ରୋକାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାବିଦେଇପୁର ଗ୍ରାମର ଜନସାଧାରଣ ସମର୍ଥନ କରିଥିଲେ।


କଳାକାରମାନେ ପାଲା ପରିବେଷଣ କରୁଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା,୧୯।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁପାଟଣା ଗ୍ରାମର ଶିକ୍ଷାବିତ୍ ବ୍ରଜବନ୍ଧୁ ମିଶ୍ର(୬୫)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି । ସେ ଅସୁସ୍ଥତା ଅନୁଭବ କରିବାରୁ ଗତ ୨ଦିନ ତଳେ ଭୁବନେଶ୍ୱରରେ ରହୁଥିବା ତାଙ୍କ ସାନ ପୁଅଙ୍କ ପାଖକୁ



ଆସିଥିଲେ । ମଙ୍ଗଳବାର ରାତି ପ୍ରାୟ ୧୨ଟା ସମୟରେ ସେ ହଠାତ୍ ଗୁରୁତର ହୋଇପଡିଥିଲେ । ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିବା ସୂଚନା ମିଳିଛି। ଖବର ପାଇ ପୁନେରେ କାର୍ଯ୍ୟରତ ତାଙ୍କ ବଡ ପୁଅ ଜୀବନ ବିକାଶ ମିଶ୍ର ବିମାନ ଯୋଗେ ଆସି ବୁଧବାର ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କ ମରଶରୀରକୁ ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ମୁଖାଗ୍ନି ଦେଇଥିଲେ।

# ହିତାଧିକାରୀଙ୍କୁ ଘାରିଛି ରାଶନ କାର୍ଡ କଟିବା ଭୟ

ନୂଆଗାଁ,୧୯।୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର କେତେଜଣ ହିତାଧିକାରୀ ସରକାରୀ କର୍ମଚାରୀ ହୋଇଥିବାରୁ ଏହି ତାଲିକାରୁ ବାଦ୍ ପଡିବା ଭୟ ସୃଷ୍ଟି ହୋଇଛି । ଏଥିପାଇଁ ମଙ୍ଗଳବାର ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭିଡ଼ ଜମିଥିଲା। ବହୁ ହିତାଧିକାରୀ ନିଜ ରାଶନ କାର୍ଡ ସହିତ ଆବଶ୍ୟକ କାଗଜପତ୍ର ଦାଖଲ କରୁଥିବା ଦେଖିବାକୁ ମିଳିଥିଲା ।

କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ଅଗ୍ରାଧିକାର ପରିବାର ଓ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଯୋଗ୍ୟ ପରିବାରକୁ ତାଲିକା ଭୁକ୍ତ କରିବା ନିମନ୍ତେ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ୮ଟି ମାନଦଣ୍ଡ ଓ ତାଲିକା ଭୁକ୍ତ କରାଇବା ପାଇଁ ୫ ମାନଦଣ୍ଡ ରହିଛି। ତେବେ ସେହି ଆଧାରରେ ସରକାରୀ କର୍ମଚାରୀ ଭାବେ ନୂଆଗାଁ ବ୍ଲକର ୧୪୫ ଜଣ ରାଶନ କାର୍ଡ ହାତେଇ ଥିବା ବେଳେ ସେଥିରେ ୫୪୭ ଜଣ ସଦସ୍ୟ ସାମିଲ ହୋଇଛନ୍ତି । ସେହିଭଳି ପରିବାର କୌଣସି ସଦସ୍ୟ ଆୟକର ଦେଉଥିବେ କିମ୍ବା ମାସିକ ୧୦ ହଜାରରୁ ଅଧିକ ଆୟ କରୁଥିବେ ସେମାନେ ଏହି ତାଲିକାରୁ ବାଦ୍ ପଡିବେ । ସେହି ଆଧାରରେ ୪୧୨ ଜଣ ରାଶନ କାର୍ଡ ହିତାଧିକାରୀ ବାଦ୍ ପଡିଥିବା ଜଣାପଡିଛି । ଉକ୍ତ ୪୧୨ ରାଶନ କାର୍ଡରେ ୧୫୬୬ ଜଣ ସଦସ୍ୟ ଥିଲେ । ଏଥିନେଇ ବିଜ୍ଞପ୍ତି ଜାରି ହେବା ପରେ ପ୍ରତି ପଞ୍ଚାୟତରେ ନୋଟିସ ଲଗାଯାଇଛି । ଯାହାକୁ ନେଇ ରାଶନ ହିତାଧିକାରୀଙ୍କ ମନରେ ଆଶଙ୍କା ଦେଖା ଦେଇଛି । ଖାଦ୍ୟ ଯୋଜନାରୁ ବାଦ୍ ପଡିବା ତାଲିକାରେ ରହିଥିବା କେତେଜଣ ରାଶନ କାର୍ଡ ହିତାଧିକାରୀଙ୍କ କହିବାନୁସାରେ ସେମାନେ ମୋ ଘର ଯୋଜନାରେ ସାମିଲ ହୋଇ ବ୍ୟାଙ୍କରେ ଲୋନ୍ ଆବେଦନ କରିଥିଲେ । ତେବେ ଲୋନ ପାଇବାକୁ ହେଲେ ପ୍ରଥମେ ବ୍ୟାଙ୍କରେ ଆଇଟି ରିଟର୍ଣ୍ଣ ଦେବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ କହିବାରେ ଆଶାୟୀମାନେ ବ୍ୟାଙ୍କରେ ତାହା ଦାଖଲ କରିଥିଲେ । କିନ୍ତୁ ସେମାନେ ବ୍ୟାଙ୍କରୁ ଋଣ ନେଇ ନାହାନ୍ତି। ସେହି ଆଇଟି ରିଟର୍ଣ୍ଣ ଯୋଗୁ ଯୋଗ୍ୟ ହିତାଧିକାରୀ ମଧ୍ୟ ବାଦ୍ ପଡୁଛନ୍ତି ବୋଲି ଅଭିଯୋଗ ହେଉଛି । ଏହି ସମସ୍ୟା ବାବଦରେ ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ଦୈତାରୀ ପ୍ରଧାନଙ୍କୁ ପଚାରିବାରେ ଯେଉଁମାନଙ୍କ ତାଲିକା ଆସିଛି ସେମାନଙ୍କୁ ନୋଟିସ କରି ଉକ୍ତ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଛୁ ବୋଲି କହିଛନ୍ତି ।

# ୪୮୦ ମିଟର ରାସ୍ତା କାମ ସରିପାରୁନି

■ ୧ କୋଟି ୭୨ ଲକ୍ଷ ୧୫ ହଜାର ୭୨୫ଟଙ୍କାରେ ଏଗ୍ରିମେଣ୍ଟ
■ ନିମ୍ନମାନର କାମ ହେଉଥିବା ଅଭିଯୋଗ

ଚଣ୍ଡିଖୋଲ,୧୯।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ବଡ଼ଚଣା ଉପଖଣ୍ଡ ଅଧୀନରେ ରହିଛି ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତା। ବାଲିଚନ୍ଦ୍ରପୁର ବଜାରରେ ଭିଡ଼ କମାଇବାକୁ ଜାତୀୟ ରାଜପଥ ୫୩ ନମ୍ବରଠାରୁ ବାଲିଚନ୍ଦ୍ରପୁର କେନାଲ ବନ୍ଧକୁ ସଂଯୋଗ ପାଇଁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତା ନିର୍ମାଣର ଅବଧି ଗତ ବର୍ଷ ଅଗଷ୍ଟରୁ ଶେଷ ହୋଇ ସାରିଲାଣି। ହେଲେ ଅଦ୍ୟାବଧି ରାସ୍ତା କାର୍ଯ୍ୟ ଅଧା ହୋଇନାହିଁ। ଅନ୍ୟପକ୍ଷରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ୪୮୦ ମିଟର ଲମ୍ବର ରାସ୍ତା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଠିକା ସଂସ୍ଥା ପକ୍ଷରୁ ଟେଣ୍ଡର ପ୍ରକ୍ରିୟାରେ ୧ କୋଟି ୭୨ ଲକ୍ଷ ୧୫ ହଜାର ୭୨୫ଟଙ୍କାରେ ଏଗ୍ରିମେଣ୍ଟ କରାଯାଇଥିଲା। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୪ ଫେବୃୟାରୀ ୨ରୁ ଆରମ୍ଭ ହୋଇ ସେହିବର୍ଷ ଅଗଷ୍ଟ ୧୪ରେ ଶେଷ ହେବ ବୋଲି ଚୁକ୍ତିପତ୍ରରେ ଠିକାଦାର ରାଜେଶ କୁମାର ସାହୁ ଉଲ୍ଲେଖ କରିଥିଲେ।

ରାସ୍ତା ନିର୍ମାଣରେ ମୋରମ ଓ ବାଲି ବ୍ୟବହାର କରାଯାଇ ରୋଲିଂ କରାଯିବ ପରେ ୭୫ଏମ୍ଏମ୍ର ବିଏମଡବ୍ଲ୍ୟୁ କରାଯିବ। ଦୁଇଟି ବକ୍ସ କର୍ଲଭଟ ଓ ଗୋଟିଏ ହୋମ ପାଇପ କର୍ଲଭଟ ନିର୍ମାଣ କରାଯିବାର ପ୍ଲାନିଂ ରହିଥିଲା। ମାତ୍ର ଠିକାଦାର ଏ ସବୁକୁ ଅଣଦେଖା କରି କେବଳ ମାଟି ପକାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ବାଲି, ମୋରମ ବଦଳରେ ମାଟି ଉପରେ କ୍ରଶର ଗୁଣ୍ଡ ପକାଯାଇଛି। ଏଥିସହିତ ରାସ୍ତା ଶେଷମୁଣ୍ଡରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିଲେ ମଧ୍ୟ ତାହା ଉଠାଯାଉନାହିଁ। ୧୨୦ ମିଟର ଡ୍ରେନ ଓ ୨୮୦ ମିଟର ପାର୍ଶ୍ୱ କାନ୍ଥିନୀ ନିର୍ମାଣ ହେବା ପାଇଁ ନିୟମ ରହିଥିବା ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। କିନ୍ତୁ ଠିକାଦାର ଏସବୁ ନିର୍ମାଣ କରନାହାନ୍ତି। ଏଭଳି ନିମ୍ନମାନର କାମକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। କାର୍ଯ୍ୟ ଚାଲିଥିବାବେଳେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସୁ ନ ଥିବା ଦେଖାଯାଉଛି। ଏହିକାର୍ଯ୍ୟରୁ ବିପୁଳ ଟଙ୍କା ଫାଇଦା ଲକ୍ଷ୍ୟରେ ବିଭାଗୀୟ ଅଧିକାରୀ ରହିଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟୁତ୍ ଟ୍ରାନ୍ସଫର୍ମର ରାସ୍ତାକଡ଼ରେ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ସେଥିପାଇଁ କାର୍ଯ୍ୟରେ ବିଳମ୍ବ ହୋଇଛି। ଶୀଘ୍ର କାର୍ଯ୍ୟ ଶେଷ କରିବା ପାଇଁ ଚେଷ୍ଟା କରୁଛୁ। ଯଦି ନିମ୍ନମାନର କାର୍ଯ୍ୟ ହୋଇଥିବ ତେବେ ଠିକାଦାରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତା।

# ୧,୩୧୨ ଅଯୋଗ୍ୟ ହାତେଇଛନ୍ତି ରାଶନକାର୍ଡ

ରସୁଲପୁର,୧୯।୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳରେ ୧୬୮ ପରିବାର ସରକାରୀ ଚାକିରୀରେ ଥାଇ ରାଶନକାର୍ଡ ହାତେଇଛନ୍ତି। ଉକ୍ତ ପରିବାରକୁ କାର୍ଡ ଫେରାଇ ଦେବା ପାଇଁ ପଞ୍ଚାୟତ ଜରିଆରେ ସୂଚନା ପ୍ରଦାନ କରାଯାଇଛି। ଏବେ ବିଭାଗ ପକ୍ଷରୁ ଆୟକରଦାତା, ୪ ଚକିଆ ଯାନ, ମାସକୁ ପରିବାରର ଆୟ ୧୦ରୁ ୧୫ହଜାର ଟଙ୍କା ହୋଇଥିଲେ ସେମାନଙ୍କୁ ରାଶନକାର୍ଡରୁ ବାଦ ଦିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ବ୍ଲକ ଅଞ୍ଚଳରେ ୧,୩୧୨ ଅଯୋଗ୍ୟ ପରିବାର କାର୍ଡ ହାତେଇଛନ୍ତି। ଉକ୍ତ ପରିବାରଙ୍କ ବିଭିନ୍ନ ଉତ୍ସରୁ ୧୦ରୁ ୧୫ଜହାର ଟଙ୍କା ମାସିକ ଆୟ ରହିଥିବାରୁ ସେମାନେ ଯୋଜନାରୁ ବାଦ୍ ପଡ଼ିବେ ବୋଲି ଜଣାପଡିଛି। ଏନେଇ ସମସ୍ତ ପଞ୍ଚାୟତକୁ ଅବଗତ କରାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଏଡିଇଓ, ଯୋଗାଣ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ ପରେ ଅଯୋଗ୍ୟଙ୍କୁ କାର୍ଡ ଫେରାଇବାକୁ କୁହାଯିବ ବୋଲି ବ୍ଲକ ଯୋଗାଣ ବିଭାଗ ସୂତ୍ରରୁ ଜଣାଯାଇଛି।

ଏହି ଆଧାରରେ ଦେଖିଲେ ବ୍ଲକର ଲକ୍ଷ୍ମୀନଗର ପଞ୍ଚାୟତରୁ ୬୮, ଟିକରପଡ଼ାରୁ ୧୯, ଶ୍ରୀବନ୍ତପୁରର ୩୬, ସିଂହାପୁର ୩୯, ସାମନ୍ତରାପୁର ୨୭, ରାଉତରାପୁର ୨୬, ରସୁଲପୁର୬୬, ରାଜେନ୍ଦ୍ରପୁର ୩୯, ରାହାମ୍ଭା ୭୦, ପ୍ରଥମାଖଣ୍ଡି ୩୮, ପହଁଗା ୩୫, ଓଡ଼ିଶୋ ୪୮, ନଠୁଆବର ୩୯, ନରସିଂହପୁର ୭୨, ମୁଗୁପାଳ ୪୧, ମଙ୍ଗରାଜପୁର ୩୩, ମହେଶ୍ୱରପୁର ୪୧, କଳଣ ୩୮, ଜାବରା ୨୭, ଗନ୍ଧଣ ୫୮, ବ୍ରହ୍ମବରଦା ୯୫, ଭୋଟକା ୬୧, ବାରବାଟୀ ୫୬, ବନ୍ଧଡିହ ୪୦, ବାହାଦଲାପୁର ୬୭, ଅତଲାପୁର ପଞ୍ଚାୟତର ୨୨ ପରିବାରର ମାସିକ ଆୟ ୧୦ରୁ ୧୫ହଜାର ଟଙ୍କା ରହିଥିବା ନେଇ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ପ୍ରକାଶିତ ତାଲିକାରୁ ସ୍ପଷ୍ଟ ହୋଇଛି।

ଏନେଇ ତଦନ୍ତ ପ୍ରକ୍ରିୟା ଖୁବ୍ଶୀଘ୍ର ଆରମ୍ଭ ହେବ ବୋଲି କୁହାଯାଉଛି। ଏହାରି ଭିତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇ-କେୱାଇସି ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅବଧି ମଧ୍ୟରେ ଅଯୋଗ୍ୟ କାର୍ଡଧାରୀଙ୍କୁ ଯୋଜନାରୁ ବାଦ୍ ଦିଆଯିବା ସହ ଶତପ୍ରତିଶତ ଇ-କେୱାଇସି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକ୍ରିୟା ଶେଷ ହେବା ପରେ ରାଶନକାର୍ଡ ୱେବସାଇଟ୍ ଖୋଲାଯିବା ସମ୍ଭାବନା ରହିଛି। ସାଇଟ୍ ଖୋଲିଲେ ବର୍ଷାଧିକ କାଳ ରାଶନକାର୍ଡରେ ନାମ ସଂଯୋଗ କରିବାକୁ ଅପେକ୍ଷା କରିଥିବା ଯୋଗ୍ୟଙ୍କ ନାମ ଯୋଡ଼ାଯିବ। ନୂତନ ରାଶନକାର୍ଡ ଆବେଦନକାରୀଙ୍କୁ କାର୍ଡ ପ୍ରଦାନ କରାଯିବ ବୋଲି କୁହାଯାଉଛି। ଅଯୋଗ୍ୟଙ୍କୁ ବାଦ୍ ଦେବା ଓ ଇ-କେୱାଇସି ଶତପ୍ରତିଶତ କରିବା ଆଳରେ ରାଶନକାର୍ଡ ସାଇଟ୍କୁ ସରକାର ଦୀର୍ଘଦିନ ହେଲା ବନ୍ଦ କରିଆସୁଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ରାଶନାକର୍ଡରୁ ଅଯୋଗ୍ୟ କାଟିବା ଓ ଇ-କେୱାଇସି କରିବା ସହ ସାଇଟ୍ ଖୋଲି ଯୋଗ୍ୟଙ୍କୁ ରାଶନାକର୍ଡରେ ନାମ ସ୍ଥାନିତ କରିବା ଦିଗରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

# ଚୋରି ସୁନା କିଣି ୨ ବ୍ୟବସାୟୀ ଅଟକ

କାଏମା,୧୯।୨(ଶିବପ୍ରସାଦ ମହାନ୍ତି):

## ତାଳଚେରରୁ ଜାରକା ସୁନା ଚୋରି ଲିଙ୍କ

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରରେ ଥିବା ଏକ ସୁନା ଦୋକାନରେ ତାଳଚେର ଓ ଧର୍ମଶାଳା ପୋଲିସ ପକ୍ଷରୁ ମିଳିତ ଭାବେ ବୁଧବାର ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ୫ଟି ସୁନା ଚେନ ଜବତ କରାଯିବା ସହ ୨ ବ୍ୟବସାୟୀଙ୍କୁ ତାଳଚେର ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।
ସୂଚନା ମୁତାବକ, ତାଳଚେର ପୋଲିସ ମଙ୍ଗଳବାର ଢେଙ୍କାନାଳ ଅଞ୍ଚଳର ଦୁଇ ସୁନା ଚୋରି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ସେମାନଙ୍କୁ ପୋଲିସ ପଚରାଉଚରା କରିବାପରେ ଜାରକା ଅଞ୍ଚଳର ସୁନା ବ୍ୟବସାୟୀଙ୍କ ସହ ସେମାନଙ୍କର ଲିଙ୍କ ଥିବା ଜାଣିବାକୁ ପାଇଥିଲା। ବିଭିନ୍ନ ସମୟରେ ସେମାନେ ଚୋରି କରୁଥିବା ସୁନାକୁ ଜାରକା ଅଞ୍ଚଳରେ ବିକ୍ରି କରିଥିବା ପୋଲିସକୁ କହିଥିଲେ। ପରେ ତାଳଚେର ପୋଲିସ ଆସି ଜାରକାରେ ପହଞ୍ଚିଥିଲା।

ପୋଲିସ ଜବତ କରିଥିବା ସୁନା ଚେନର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବା ଧର୍ମଶାଳା ଥାନା ଦାୟିତ୍ୱରେ ଥିବା ଏସଆଇ ଜହର ଆବେଦିନ ସୂଚନା ଦେଇଛନ୍ତି। ତାଳଚେରରେ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ଅପରପକ୍ଷରେ ଜାରକା ବଜାରରେ ସୁନା ଗହଣା ଦୋକାନ ବଢ଼ି ଚାଲିଥିବା ବେଳେ ଏପରି ଘଟଣା ଦୁର୍ବୃତ୍ତଙ୍କୁ ଚୋରି କରିବାରେ ପରୋକ୍ଷ ଭାବେ ସାହଯ୍ୟ କରୁଥିବା ଆଲୋଚନାର ବିଷୟ ହୋଇଛି। ଅନ୍ୟପକ୍ଷରେ ଅଜଣା ବ୍ୟକ୍ତିଙ୍କଠାରୁ କିଭଳି ବିନା କାଗଜପତ୍ରରେ ବ୍ୟବସାୟୀ ସୁନା କିଣୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସୁନା ଦର ବଢୁଥିବାରୁ କେତେଜଣ ଅସାଧୁ ବ୍ୟବସାୟୀ ଚୋରି ସୁନାକୁ ଅଳ୍ପ ଦରରେ କିଣି ଚଢ଼ା ଦରରେ ବିକ୍ରି କରି ଟିକସ ଫାଙ୍କି ଲାଭବାନ ହେଉଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି।

# ସ୍ୱେଚ୍ଛାକୃତ ବିବାହକୁ ମିଳୁନି ସ୍ୱୀକୃତି: ସୁରକ୍ଷା ଲୋଡ଼ିଲେ ଦମ୍ପତି

ପାଣିକୋଇଲି,୧୯।୨(ବିକାଶ ମଲ୍ଲିକ):

ସ୍ୱେଚ୍ଛାକୃତଭାବେ ବିବାହ ବନ୍ଧନରେ ବାନ୍ଧିହେବା ପରେ ଏହାକୁ ଗ୍ରହଣ କରିପାରୁନାହାନ୍ତି ଝିଅ ଘର ପରିବାର । ବାଧକ ସାଜିଛି ଜାତିଗତ ବିଭେଦତା। ଫଳରେ ଘରକୁ ଫେରିପାରୁ ନାହାନ୍ତି ଦମ୍ପତି। ଏବେ ଘରକୁ ଫେରିବାକୁ ଇଚ୍ଛା କଲେବି ଜୀବନ ପ୍ରତି ଥିବା ବିପଦ ଭୟରେ ଆସିପାରୁନାହାନ୍ତି। ତେଣୁ ଦମ୍ପତି ସୁରକ୍ଷା ପାଇଁ ଯାଜପୁର ଏସପି, ଯାଜପୁରରୋଡ ଏସଡିପିଓ ଓ କୋରେଇ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ସୁରକ୍ଷା ପାଇଲେ ଘରକୁ ଫେରିବାର ଆଶା ରଖିଛନ୍ତି ଦମ୍ପତି କୋରେଇ ଥାନା ଅନ୍ତର୍ଗତ ଝୁମ୍ପାଣ ଗ୍ରାମର ସୁଶାନ୍ତ କୁମାର ସେଠୀ ଓ ସ୍ନେହମୟୀ ମହାପାତ୍ର। ଉଭୟଙ୍କ ମଧ୍ୟରେ ପ୍ରାୟ ଏକ ବର୍ଷ ହେବ ପ୍ରେମ ହୋଇଥିଲା। ଏନେଇ ଉଭୟ ନିଜ ପରିବାରକୁ ଜଣାଇଥିଲେ। ମାତ୍ର ଜାତିଗତ ପ୍ରଭେଦ ଥିବାରୁ ସ୍ନେହମୟୀଙ୍କ ପରିବାର ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ସୁଶାନ୍ତ ଓ ସ୍ନେହମୟୀ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ୧୨ ତାରିଖରେ ଉଭୟ ଭଦ୍ରକ ଜିଲା ଆନନ୍ଦ ବଜାରସ୍ଥିତ ମହାଲକ୍ଷ୍ମୀ ଫଙ୍କସନ ହଲରେ ନିଜ ସମ୍ପର୍କୀୟମାନଙ୍କ ସହାୟତାରେ ବିବାହ କରିଥିଲେ। ଉଭୟ ଘର ଛାଡିବା ପରେ କୋରେଇ ଥାନାରେ ସ୍ନେହମୟୀଙ୍କ ପରିବାରୁ ପକ୍ଷରୁ ଅପହରଣ ଅଭିଯୋଗ କରାଯାଇଥିଲା। ଏଥିସହିତ ବିଭିନ୍ନ ଧମକ ଦିଆଯିବାରୁ ଜୀବନ ପ୍ରତି ବିପଦ ଥିବାରୁ ଉଭୟ ଗ୍ରାମକୁ ନ ଫେରି କେନ୍ଦୁଝର ଜିଲାରେ ରହୁଛନ୍ତି। ବାହାରେ ଚଳିବା ମଧ୍ୟ ଉଭୟଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଛି। ସୁରକ୍ଷା ମିଳିଲେ ସେମାନେ ଘରକୁ ଫେରିବେ ବୋଲି କହିଛନ୍ତି।



# ଜିଲାପାଳଙ୍କୁ ନ୍ୟାୟ ମାଗିଲେ ରାଜନୈତିକ ନିର୍ଯାତନାର ଶିକାର ପରିବାର


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପରିବାର।

ଯାଜପୁର ଟାଉନ,୧୯।୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳକୁ ଭୋଟ୍ ନ ଦେବାରୁ ରାଜନୈତିକ ନିର୍ଯାତନାର ଶିକାର ହେଉଛନ୍ତି ଏକ ପରିବାର। ଏନେଇ ସେମାନେ ଯାଜପୁର ଜିଲାପାଳଙ୍କୁ ଭେଟି ନ୍ୟାୟ ମାଗିଛନ୍ତି।

ସୂଚନା ଅନୁଯାୟୀ, ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବାଲିଗୁଡ଼ା ଗ୍ରାମର ଅଧିବାସୀ ଶଶାନନ୍ଦ ମଲ୍ଲିକଙ୍କ ୬ ପୁଅ ନିଜ ଜାଗାରେ ଘର କରି ବହୁବର୍ଷ ହେବ ରହି ଆସୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ସେମାନେ ଏକ ଦଳକୁ ଭୋଟ୍ ଦେବାକୁ କେନ୍ଦ୍ର କରି ପଡ଼ୋଶୀ ବିରୋଧ କରିଥିଲେ। ପରେ ବିଳମ୍ବିତ ରାତିରେ ପଡ଼ୋଶୀ ନେପାଳ ମଲ୍ଲିକ ଓ ତାଙ୍କ ୩ ପୁଅ ରମେଶ, ସଞ୍ଜୟ, ବିଜୟ, ରସାନନ୍ଦ ମଲ୍ଲିକଙ୍କ ୨ ପୁଅ ଅକ୍ଷୟ, ଶ୍ରୀକ୍ଷେୟ, ଗୋବର୍ଦ୍ଧନ, ଚିନ୍ମୟ ମିଳିତ ଭାବେ ଏକତ୍ରୀତ ହୋଇ କାହିଁକି ତୁମେ ଆମ ଦଳକୁ ଭୋଟ୍ ଦେଲ ନାହିଁ ବୋଲି କହିବା ସହ ଆକ୍ରମଣ କରି ଘରୁ ବାହାର କରି ଦେଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ପୋଲିସଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏପରିକି ସେମାନଙ୍କ ଘର ଜାଗରେ ସିମେଣ୍ଟରେ କାନ୍ଥ କରି ଦିଅଯାଇଛି। ଜିଲାପାଳ ଏହାର ତଦନ୍ତ କରି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସେମାନେ ନିବେଦନ କରିଛନ୍ତି। ଯଦି ଜିଲା ପ୍ରଶାସନ ସେମାନଙ୍କ ପରିବାରକୁ ନ୍ୟାୟ ପ୍ରଦାନ ନ କରେ ତେବେ ସପରିବାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଟ୍ରକ୍ ଚଢ଼ାଇ ହତ୍ୟା ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ,୧୯।୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଟ୍ରକ୍ ଚଢ଼ାଇ ହତ୍ୟା ମାମଲାର ବୁଧବାର ରାୟ ପ୍ରକାଶ କରିଛନ୍ତି। ରାୟରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ରାୟରେ ପ୍ରକାଶିତ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ଅକ୍ଷୟ ମଲ୍ଲିକ ଓ ତାଙ୍କ ବଡ଼ବାପା ପୁଅ ସୁଶାନ୍ତ ମଲ୍ଲିକଙ୍କ ମଧ୍ୟରେ ଜମିବାଡି ବିବାଦକୁ ନେଇ ବିଭିନ୍ନ କୋର୍ଟରେ ମକୋଦ୍ଦମା ରହିଥିଲା। ସୁଶାନ୍ତଙ୍କ ବାପା ଅକ୍ଷୟଙ୍କୁ ପୌଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ତେଣୁ ସୁଶାନ୍ତଙ୍କ ଜମି ଦୁଇ ଭାଗ ହେବ ବୋଲି ଆଶଙ୍କା ହେବାରୁ ସୁଶାନ୍ତ ଓ ଅକ୍ଷୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ସୁଶାନ୍ତ ଅକ୍ଷୟଙ୍କୁ ଜୀବନରୁ ମାରିଦେବା ପାଇଁ ବିଭିନ୍ନ ସମୟରେ ଧମକ ଦେଇଆସୁଥିଲେ। ୨୦୨୨ ମାର୍ଚ୍ଚ ୧୪ ସନ୍ଧ୍ୟାରେ ଅକ୍ଷୟଙ୍କୁ ସୁଶାନ୍ତ ଶଷ କରିଦେବେ ବୋଲି ତାଙ୍କ ଘରେ ଧମକ ଦେଇଥିଲେ। ପରେ ସେହିଦିନ ରାତି ପ୍ରାୟ ୧୧ଟାରେ ଅକ୍ଷୟ ତାଙ୍କ ଘର ପାଖରେ ଠିଆ ହୋଇଥିବାବେଳେ ସୁଶାନ୍ତ ଟ୍ରକ୍ ଚଢ଼ାଇ ତାଙ୍କୁ ହତ୍ୟା କରିଥିଲେ। ଘଟଣାକୁ ପ୍ରତ୍ୟକ୍ଷଦର୍ଶୀ ଭାବେ ଅକ୍ଷୟଙ୍କର ବାପା, ଭାଇ ଓ ଭାଉଜ ଦେଖିଥିଲେ। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୨୦ଜଣ ସାକ୍ଷୀ ଓ ୧୬ ଦସ୍ତାବିଜ୍ ଥିବା ପ୍ରମାଣକୁ ନେଇ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ମୋନାଲୀ ରାଇସା ଓ ସମରେନ୍ଦ୍ର ଦାସ ମକୋଦ୍ଦମା ପରିଚାଳନା କରିଥିଲେ।


ସୁଶାନ୍ତ ମଲ୍ଲିକ

# ଧର୍ମଶାଳା ଥାନାରେ ଯୋଗଦେଲେ ନୂତନ ଅଧିକାରୀ

କାଏମା,୧୯।୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଥାନାରେ ନୂତନ ଥାନା ଅଧିକାରୀ ଭାବେ ରଞ୍ଜନ କୁମାର ମାଝୀ ବୁଧବାର ଯୋଗଦେଇଛନ୍ତି। ତାଙ୍କୁ ରାୟଗଡ଼ା ଥାନାରୁ ଏଠାକୁ ବଦଳି କରାଯାଇଛି । ଏଠାରେ ଥିବା ଥାନା ଅଧିକାରୀ ତପନ ନାୟକଙ୍କ ଫେବୃୟାରୀ ୨ରୁ ବଦଳି ହୋଇଥିଲା। ଏହା ପରଠାରୁ ଏସଆଇ ଜହର ଅବେଦିନ ଥାନା ଦାୟିତ୍ୱ ତୁଲାଉଥିଲେ। ଥାନା ଅଞ୍ଚଳରେ ଦୈନିକ ଚୋରି, ଡକାୟତି ଓ ଛିନତାଇ ଘଟୁଛି। ଏହାଠାରୁ ବଢ଼ି ଯାଇଛି ଧଳାଜହର କାରବାର। ତେଣୁ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ନିଶା କାରବାର ରୋକିବା ନୂତନ ଥାନା ଅଧିକାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଏ ସମ୍ପର୍କରେ ଥାନା ଅଧିକାରୀ ମାଝୀଙ୍କୁ ପଚାରିବରେ ସେ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି।


ରଞ୍ଜନ କୁମାର ମାଝୀ।

# ମାସକ ଭିତରେ ପିଚୁ ଉଠି ଫାଟୁଛି

## କଂସ ଫରେଷ୍ଟ ବିଟ୍ ଠାରୁ ଟିକରପଡ଼ା ରାସ୍ତା

କାଳିଆପାଣି,୧୯।୨(ଅସିତ କୁମାର ମହନ୍ତ) :

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଞ୍ଚଳରେ କେତେକ ରାସ୍ତା ନିର୍ମାଣର ଏକ ମାସରେ ପିଚୁ ଉଠି ଗୋଡ଼ି ଦେଖା ଯିବା ସହ ବହୁ ସ୍ଥାନରେ ଫାଟି ଆଁ କରିଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ନିର୍ମାଣାଧୀନ କଂସ ପଞ୍ଚାୟତର କଅଁସ ଫରେଷ୍ଟ ବିଟ୍ଠାରୁ ଟିକରପଡ଼ା ପର୍ଯ୍ୟନ୍ତ ପିଚୁ ରାସ୍ତାକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏକଦା ମାଓବାଦୀଙ୍କ ଗଡ କୁହାଯାଉଥିବା ଟିକରପଡ଼ା ଜଙ୍ଗଲ ଭିତର ରାସ୍ତାକୁ ଯାତାୟାତ କମ ଥିବାରୁ କେତେଜଣ ଅଧିକାରୀ ଓ ଠିକାଦାର ଏହାର ଫାଇଦା ଉଠାଇଥିଲେ । ଏହି ରାସ୍ତାରୁ ଏବେ ପିଚୁ ଉଠି ଗୋଡ଼ି ଦିଶୁଛି। ଲାଭଖୋର ମନୋଭାବ ପାଇଁ ଦୁଃଖ ଭୋଗୁଛନ୍ତି ସାଧାରଣ ଲୋକ। ଅନ୍ୟ ଏକ ଉଦାହରଣ ଭାବେ ଟମକା-ମଙ୍ଗଳପୁର ରାସ୍ତାର କଂସ ଫରେଷ୍ଟ ବିଟ୍ ଠାରୁ ଟିକରପଡା ପର୍ଯ୍ୟନ୍ତ ୨ କିମି ରାସ୍ତା ମରାମତି ହୋଇ ଉନ୍ନତିକରଣ ହେବା ସହ ନୂତନ ଭାବେ ପିଚୁ କାର୍ଯ୍ୟ ହୋଇଛି। ପିଚୁ କାର୍ଯ୍ୟ ପାଇଁ ଆନୁସଙ୍ଗିକ ଡବ୍ଲ୍ୟୁଏମ୍ଏମ୍ ନିମ୍ନମାନର ବିଛାଇ ଉପରେ ଯେନତେନ ପ୍ରକାରେ ପିଚୁ ପକାଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଡବ୍ଲ୍ୟୁଏମ୍ଏମ୍ ଠିକ ସେ ତିଆରି ହୋଇ ନ ଥିବାରୁ ପିଚୁ ଦବିବା ସହ ଅନେକ ସ୍ଥାନରେ ପିଚୁ ଉଠି ଗୋଡ଼ି ଦେଖା ଯାଉଛି । କଂସ ବିଟ୍ ସାହି ବାସିନ୍ଦା ଜନ୍ମେଜୟ ପୂର୍ତ୍ତି ଓ ସିଙ୍ଗରାଇ ମୁର୍ମୁ କହିବା ଅନୁଯାୟୀ ଠିକାଦାର କାର୍ଯ୍ୟ କରୁଥିବା ବେଳେ ଗ୍ରାମବାସୀ ଅନେକ ଥର ଅଭିଯୋଗ କରିଛନ୍ତି। ହେଲେ ଠିକାଦାର ଆମ କଥାକୁ ଶୁଣି ନ ଥିଲେ। ସେପରି ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ ବିଷୟରେ ଅବଗତ କରିଥିଲେ ମଧ୍ୟ ଅଧିକାରୀମାନେ କାର୍ଯ୍ୟସ୍ଥଳକୁ ଆସି ନାହାନ୍ତି । ଫଳରେ ଏପରି ନିମ୍ନମାନର କାର୍ଯ୍ୟକରି ଠିକାଦାର ଛୁ ମାରିଛନ୍ତି । ୨ କିମି ପିଚୁ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଅଦ୍ୟାବଧି ସୂଚନା ଫଳକ ନାହିଁ । ରାସ୍ତାରେ କୌଣସି ୪ ଚକିଆ ଗାଡ଼ି ଗଲେ କିମ୍ବା ଆସିଲେ ରାସ୍ତାଟି ଦବିବା ଦେଖାଯାଉଛି। ବିପୁଳ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ରାସ୍ତା ମାତ୍ର କେତେଟା ଦିନରେ କାହିଁକି ନଷ୍ଟ ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାସ୍ତା ନିର୍ମାଣ ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ଅନିୟମିତା ସ୍ପଷ୍ଟ ହେବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉତ୍ତମ ନାୟକ ଏବଂ ଏସ୍‌ଡିଓ ବାସନ୍ତୀ ହାଁସଦାଙ୍କ ମତାମତ ନେବାକୁ ସେମାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ହେଁ ଫୋନ କଲ ଗ୍ରହଣ କରି ନ ଥିଲେ।


ରାସ୍ତାରୁ ପିଚୁ ଉଠିଯାଇଛି।

## ୨ ବଖରା ଘର ଜଳିଗଲା

ଚଣ୍ଡିଖୋଲ,୧୯।୨(ପ୍ରଦୀପ୍ତ କୁମାର ପୃଷ୍ଟି):ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତ କପାଷ୍ଟିକିରି ଗ୍ରାମରେ ବୁଧବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଜଳିଯାଇଛି। ଗାଁର ଏକନ ମହାନ୍ତି ଓ ଦୁର୍ଗାଚରଣ ମହାନ୍ତିଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ବିପନ୍ନ ପରିବାରଙ୍କୁ ଭେଟି ଆଶ୍ୱସନା ପ୍ରଦାନ କରିବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି।


इंडियन बैंक Indian Bank
इलाहाबाद ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ୍ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ମହମ୍ମଦ ଜାମିଲ୍, ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍ । | ଶ୍ରୀ ମହମ୍ମଦ ଜାମିଲ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪ । | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା: (୧)ମେସର୍ସ ଓର୍ଚ୍ଚିଡ ରିଟେଲ୍ (ପାର୍ଟନରସିପ୍ ଫାର୍ମ), ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, (୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର), ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, (୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର) । | ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲ୍‌ଦାର ଇଫ୍ତିୟାଜ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇଜ୍‌ରାର ବକ୍ସ । | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | ଶ୍ରୀ ମହମ୍ମଦ ଜାମିଲ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨ । | | ୧୭.୦୨.୨୦୨୫ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ନାଉଗାଁ ବ୍ଲକ ତେଣ୍ଟୋଇରେ ଧନୁଯାତ୍ରା

ନାଉଗାଁ,୧୯।୨(ସୁଧା ବେହୁରା)

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅନ୍ତର୍ଗତ ତେଣ୍ଟୋଇଠାରେ ମା' ବାରଦେଇ ଧନୁଯାତ୍ରା କମିଟି ପକ୍ଷରୁ ତୃତୀୟ ବାର୍ଷିକ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଯାତ୍ରାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୫ ଦିନ ବ୍ୟାପି ଚାଲୁରହିବ। ପ୍ରଥମ ଦିନରେ ଉଗ୍ରସେନର ନଗର ଭ୍ରମଣ କରିବା ସହ ଦେବକୀ, ବସୁଦେବ ବିବାହ ଆଦି ଆୟୋଜନ କରାଯାଇଥିଲା। ପର୍ଯ୍ୟାୟ କ୍ରମେ କୃଷ୍ଣଙ୍କର ସମସ୍ତ ଲୀଳା ଉକ୍ତ ମଞ୍ଚରେ ପରିବେଷଣ କରାଯିବ। ଏହି ଯାତ୍ରା କରିବା ପାଇଁ ବରଗଡ ଜିଲା ଧନୁଯାତ୍ରାରେ କଳାକାରମାନେ ଆସିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିନରେ ଉକ୍ତ ମଞ୍ଚରେ ଥାନାଧିକାରୀ ପ୍ରଦୀପ୍ତ କୁମାର କାନୁନଗୋଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ଧନୁଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଛନ୍ତି।

### ମାର୍ଚ୍ଚ ୮ରେ ଜିଲାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତ୍‌ସିଂହପୁର, ୧୯।୨
(ପ୍ରମୋଦ କୁମାର ନାୟକ)

ଚଳିତ ବର୍ଷ ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୮ରେ ଜିଲାର ସମସ୍ତ କୋର୍ଟ ଓ ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ମୋଟରଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ୍ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଆଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ। ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ, ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜଗତ୍‌ସିଂହପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି।

# ପାରାଦୀପର ବିକାଶକୁ ପ୍ରାଥମିକତା: ମନ୍ତ୍ରୀ ସମ୍ପଦ

ଜଗତସିଂହପୁର, ୧୯।୨
(ପ୍ରମୋଦ କୁମାର ନାୟକ)

ଓଡ଼ିଶା ସରକାରଙ୍କ ସମୃଦ୍ଧ ବଜେଟ ୨୦୨୫-୨୬ରେ ଜଗତ୍‌ସିଂହପୁର ଜିଲାକୁ ମିଳିଛି ସ୍ୱତନ୍ତ୍ର ପ୍ରାଧାନ୍ୟ। ଏହି ବଜେଟ୍‌ରେ ପାରାଦୀପ ଅଞ୍ଚଳ ପାଇଁ ଅନେକ ବଡ ଯୋଜନା ଘୋଷଣା କରିଛନ୍ତି ରାଜ୍ୟ ସରକାର। ପାରାଦୀପରେ ଖୁବ୍‌ଶୀଘ୍ର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟ ସବୁ ଦେଖିବାକୁ ମିଳିବ, ଯାହା ସହରର ରୂପରେଖକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବ। ଏହା ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା ଜିଲାର ଆର୍ଥିକ ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ରାଜ୍ୟ ସରକାରଙ୍କ ବଜେଟରେ ଘୋଷଣା ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡିକ ମଧ୍ୟରୁ ପାରାଦୀପରେ ଗ୍ରୀନ ଫିଲ୍ଡ ବିମାନ ବନ୍ଦର ନିର୍ମାଣ ଅନ୍ୟତମ। ଏହି ବିମାନ ବନ୍ଦର, ବିଲ୍ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅପ୍ ଏଭିଏସନ ଆସେଟ୍ ଆଣ୍ଡ ନେଟୱର୍କ (ବି-ଏମ୍ଏଏନ୍) ଅଧୀନରେ ନିର୍ମାଣ କରାଯିବ। ଏହାଦ୍ୱାରା ସମଗ୍ର ଭାରତ ତଥା ବିଶ୍ୱ ସହ ପାରାଦୀପର ସଂଯୋଗୀକରଣ ଉନ୍ନତ ହୋଇପାରିବ। ବ୍ୟବସାୟ ତଥା ପର୍ଯ୍ୟଟନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ସ୍ଥାନୀୟ ଅଞ୍ଚଳର ଯୁବବର୍ଗ ଏହାଦ୍ୱାରା ଅଧିକ ଲାଭାନ୍ୱିତ ହୋଇପାରିବେ ଏବଂ ରୋଜଗାର ପାଇଁ ନୂତନ ମାର୍ଗ ପ୍ରଶସ୍ତ ହେବ। ରାଜ୍ୟ ସରକାର ସାତ ହଜାର ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ଗୋଟିଏ ମେଟ୍ରୋପଲିଟିଆନ ସିଟି ବିକଶିତ କରିବା ପାଇଁ ଯୋଜନା କରିଛନ୍ତି। ଯେଉଁଥିରେ ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ଜଟଣୀ-ପୁରୀ ଏବଂ ପାରାଦୀପ ଭଳି ସହରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ। ଭବିଷ୍ୟତରେ ଏହି ମହାନଗର, ଦେଶର ଅନ୍ୟତମ ବୃହତମ ସହରର ମାନ୍ୟତା ଲାଭ କରିବା ପାଇଁ ସମସ୍ତ ଯୋଜନା କରାଯାଉଛି। ଏହି ମେଟ୍ରୋପଲିଟିସିଆନ ସିଟି ରାଜ୍ୟର ସବୁଠାରୁ ବଡ ସହରାଞ୍ଚଳ ଭାବେ ପରିଗଣିତ ହେବ ।

ରାଜ୍ୟରେ ପରିବହନ ଏବଂ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଗୋଟିଏ ଶିଳ୍ପ କରିଡର ବିକଶିତ କରାଯିବ। ଏହି ଶିଳ୍ପ କରିଡର୍ ପାରାଦୀପ-ଚୌଦ୍ୱାର-ଅନୁଗୋଳ-ଝାରସୁଗୁଡା-ସୁନ୍ଦରଗଡ-ସମ୍ବଲପୁର ଏବଂ ରାଉରକେଲା ଭଳି ସହରକୁ ସଂଯୋଗ କରିବ। ଏହି ଶିଳ୍ପ କରିଡର ନିର୍ମାଣ ହେଲେ ରାଜ୍ୟରେ ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ ହୋଇପାରିବ। ଏହାଦ୍ୱାରା ବ୍ୟବସାୟ ପାଇଁ ସାମଗ୍ରୀ ପରିବହନ ସହଜ ଓ ସୁବିଧାରେ ହୋଇପାରିବ ।

ପାରାଦୀପର ସମୁଦ୍ର ବେଳାଭୂମି ଏକ ନୂତନ ରୂପ ପାଇବ। ରାଜ୍ୟ ସରକାର ଏହି ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ବିଚ ଭାବେ ବିକଶିତ କରିବାକୁ ଯୋଜନା କରୁଛନ୍ତି। ବ୍ଲୁ-ଫ୍ଲାଗ୍ ବିଚ, ସ୍ୱଚ୍ଛ ଏବଂ ପରିବେଶ ଅନୁକୂଳ ହୋଇଥିବାବେଳେ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ। ପାରାଦୀପର ବେଳାଭୂମି ବ୍ଲୁ-ଫ୍ଲାଗ ବିଚ୍‌ର ମାନ୍ୟତା ପାଇଲେ, ଏହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ଏବଂ ସ୍ଥାନୀୟ ଅଞ୍ଚଳର ଆର୍ଥିକସ୍ଥିତି ଏହାଦ୍ୱାରା ଅଧିକ ସ୍ୱଚ୍ଛଳ ହୋଇପାରିବ।

ପାରାଦୀପର ପିସିପିଆଇଆର୍ ଅଞ୍ଚଳରେ ସିଙ୍ଗାପୁରର ଜୁରୋଙ୍ଗ ପେଟ୍ରେକେମିକାଲ୍ସ କମ୍ପ୍ଲେକ୍ସ ଭଳି ଏକ ପେଟ୍ରୋକେମିକାଲ୍ସ ସିଟି ବିକଶିତ କରାଯିବ। ପାରାଦୀପଠାରେ ସିଙ୍ଗାପୁର ସରକାରଙ୍କ ସହଭାଗିତାରେ ଏହି ପେଟ୍ରେକେମିକାଲ୍ସ ସହର ବିକାଶ କରାଯିବ। ଏହାଦ୍ୱାରା ପାରାଦୀପରେ ଅନେକ ନୂତନ ଶିଳ୍ପ ଗଢ଼ିଉଠିବ ଏବଂ ବହୁ ନୂତନ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ନିର୍ମଳ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ପାରାଦୀପରେ ଏକ ନିର୍ମଳ ଉଦ୍‌ଜାନ ପ୍ଲାଣ୍ଟ ସ୍ଥାପନ କରାଯିବ। ଏହି ପ୍ଲାଣ୍ଟ ନିର୍ମଳ ଶକ୍ତି ଉତ୍ପାଦନ କରିବ। ଏହା ଓଡିଶାକୁ ଏକ ସବୁଜ ଭବିଷ୍ୟତ ଆଡକୁ ଅଗ୍ରସର ହେବାରେ ସାହାଯ୍ୟ କରିବ। ପାରାଦୀପକୁ ରାଜ୍ୟର ଏକ ବିକଶିତ ଅଞ୍ଚଳରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ଗୁଡିକ ସହାୟକ ହୋଇପାରିବ। ଆଗାମୀ ଏକ ଦଶନ୍ଧି ମଧ୍ୟରେ ପାରାଦୀପକୁ ଅନେକ ଛୋଟ ବଡ ଶିଳ୍ପ ପ୍ରକଳ୍ପ ଆଣିବାର ଯୋଜନା କରାଯାଉଛି। ଏହାଦ୍ୱାରା ପାରାଦୀପ ଅଞ୍ଚଳ ଓଡ଼ିଶାର ଶିଳ୍ପ ଓ ପର୍ଯ୍ୟଟନ ମାନଚିତ୍ରରେ ଗୋଟିଏ କେନ୍ଦ୍ର ଭାବେ ପରିଗଣିତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନ୍‌ରେ ପାରାଦୀପ ଇଞ୍ଜିନ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବ। ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଦ୍ୱାରା ଏହା ସମ୍ଭବ ହେବାକୁ ଯାଉଛି ବୋଲି ମନ୍ତ୍ରୀ ସମ୍ପଦ କହିଛନ୍ତି। ପାରାଦୀପକୁ ସମୃଦ୍ଧ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସଂକଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

# ତୁରନ୍ତ ଜମି ଚିହ୍ନଟ କରିବାକୁ ତହସିଲଦାରଙ୍କୁ ଅନୁରୋଧ



ଆଥ୍‌ଲେଟିକ୍ କ୍ଲବ ସଦସ୍ୟମାନେ ତହସିଲଦାରଙ୍କୁ ଫୁଲତୋଡ଼ା ପ୍ରଦାନ କରୁଛନ୍ତି।

କୁଜଙ୍ଗ,୧୯।୨(ମନୋଜ ପ୍ରଧାନ)

## ଷ୍ଟାଡିୟମ ନିର୍ମାଣ ପ୍ରସଙ୍ଗ

ରାଜ୍ୟ ଓ ଜିଲା କ୍ରୀଡା ଓ ଯୁବ ବ୍ୟାପାର ପକ୍ଷରୁ କୁଜଙ୍ଗରେ ଷ୍ଟାଡିୟମ ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ କରିବାକୁ ତହସିଲ ପ୍ରଶାସନକୁ ଚିଠି ହୋଇଛି। ଏହି ପ୍ରକ୍ରିୟା ତୁରନ୍ତ କରିବାକୁ କୁଜଙ୍ଗ ଆଥ୍‌ଲେଟିକ୍ କ୍ଲବ ପକ୍ଷରୁ ବୁଧବାର ତହସିଲଦାରଙ୍କୁ ଅନୁରୋଧ କରାଯାଇଛି । ଏନେଇ କ୍ଲବ ସଭାପତି ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଶୃଙ୍ଖଳା କମିଟି ଅଧକ୍ଷ ଏଏନ୍‌ଡି ଯାଦବ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାରାୟଣ ରାଜଗୁରୁ, କୋଷାଧକ୍ଷ ରଶ୍ମିରଞ୍ଜନ ମହାପାତ୍ରଙ୍କ ସମେତ କ୍ରୀଡା ସଂଯୋଜକ ପ୍ରଦ୍ୟୁମ୍ନ ପଟ୍ଟନାୟକ, ବିଶ୍ୱନାଥ ମଲ୍ଲିକ, ଧ୍ରୁବ ଚରଣ ସେଠୀ, ସୁଦର୍ଶନ ବାରିକ ,ସୁଶାନ୍ତ ଦାସ ପ୍ରମୁଖ ସ୍ଥାନୀୟ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ଭେଟି ଷ୍ଟାଡିୟମ ନିର୍ମାଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଷ୍ଟାଡିୟମ ପାଇଁ ଜମି ଚିହ୍ନଟପ୍ରକ୍ରିୟା ଆରମ୍ଭ ହେବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# କଟ୍‌ନିଛଟ୍‌ନିକୁ ବିରୋଧ କଲେ ଚାଷୀ



ଅଧିବେଶନରେ ଯୋଗଦେଇଥିବା ଜିଲା କୃଷକ ସଙ୍ଗଠନର ସଦସ୍ୟମାନେ।

ରଘୁନାଥପୁର,୧୯।୨
(ରାଜେନ୍ଦ୍ର ନାରାୟଣ ସିଂହ)

## ଜିଲା କୃଷକ ସଙ୍ଗଠନର ବାର୍ଷିକ ଅଧିବେଶନ

■ ଟୋକନପ୍ରାପ୍ତ ସମସ୍ତ ଚାଷୀଙ୍କ ଧାନ ଉଠାଇବାକୁ ଦାବି

ଜଗତ୍‌ସିଂହପୁର **ଜିଲା କୃଷକ ସଙ୍ଗଠନର ବାର୍ଷିକ ଅଧିବେଶନ ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଧଳତଙ୍ଗଗଡ ଜଙ୍ଗଲ ବିଟ ହାଉସ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ବୈଠକରେ ସଙ୍ଗଠନ ସଭାପତି ଗୋବିନ୍ଦ ଜେନା ଅଧକ୍ଷତା କରିଥିଲେ। ସମ୍ପାଦକ ଇଂ.ବାବାଜୀ ଚରଣ ଜେନା ସଭା ପରିଚାଳନା କରି ଚାଷୀଙ୍କ ସମସ୍ୟା ଓ ଏହାର ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ପୂର୍ବରୁ ପ୍ରତ୍ୟେକ ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୨ କିଲୋ କଟ୍‌ନିଛଟ୍‌ନି କରାଯାଉଥିବାବେଳେ ଚଳିତ ବର୍ଷ ଏହାକୁ ସାଢେ ୩ କିଲେକୁ ବୃଦ୍ଧି କରାଯାଇଛି ବୋଲି ସଙ୍ଗଠନର ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ** ମହାନ୍ତି ଅଭିଯୋଗ କରିଛନ୍ତି। ଉପସ୍ଥିତ ଚାଷୀମାନେ ଏହି ଅଭିଯୋଗକୁ ସମର୍ଥନ କରିବାରୁ ମଣ୍ଡିରୁ କଟ୍‌ନିଛଟନି ବନ୍ଦ କରିବାକୁ ଦାବି କରିଥିଲେ। ସେହିପରି ମଣ୍ଡିରେ ଚାଷୀଙ୍କ ସମସ୍ତ ଧାନ ନିଆଯିବା ସହ ଟୋକନ ଯେପରି ଲାପ୍ସ ନହୁଏ ସେଥିପ୍ରତି ସରକାର ଯତ୍ନବାନ ହେବାକୁ ସମ୍ପାଦକ ଇଂ. ଜେନା ପ୍ରସ୍ତାବ ରଖିଥିଲେ। ସର୍ବସମ୍ମତି କ୍ରମେ ଏହା ଗୃହୀତ ହୋଇଥିଲା। ଏହାଛଡା ମିଲର ଚାଷୀଙ୍କୁ ଚିରା ଅଖା ପରିବର୍ତ୍ତେ ଭଲ ଅଖା ଦେବା ଏବଂ ଉପଯୁକ୍ତ ସମୟରେ ଦେବାକୁ ଆଲୋଚନା ହୋଇଥିଲା। ମିଲର ଅଧିକ ଗାଡି ପଠାଇ ମଣ୍ଡିରୁ ଶୀଘ୍ର ଧାନ ନେଇଯିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଥିଲା। ପୂର୍ବରୁ ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଅବଗତ କରାଯାଇଥିବା ଏବଂ ଅନୁଷ୍ଠିତ ବୈଠକରେ ଚାଷୀଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରିଜୋଲୁସନ କରାଯାଇ ପୁନର୍ବାର ସରକାରଙ୍କୁ ଦାବିପତ୍ର ଦେବାକୁ ସଭାପତି ଜେନା ପ୍ରକାଶ କରିଥିଲେ। ଏତଦବ୍ୟତୀତ ଆଧୁନିକ ପ୍ରଣାଳୀରେ ଉନ୍ନତମାନର କୃଷିକୁ ଆପଣେଇବା ପାଇଁ ସମ୍ପାଦକ ଇଂ ଜେନା ଚାଷୀଙ୍କୁ ସଚେତନତା କରିଥିଲେ। ଏଥିରେ ସଫଳ ଚାଷୀ ତଥା ସଙ୍ଗଠନର ଉପସଭାପତି ସାରଦା ପ୍ରସାଦ ରାୟ ନିଜର ଦୀର୍ଘଦିନ ଚାଷର ଅନୁଭୂତି ସମ୍ପର୍କରେ କହିଥିଲେ।

## ରଘୁନାଥପୁର ବ୍ଲକ: ୧୧୦୫ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

ରଘୁନାଥପୁର, ୧୯।୨ (ରାଜେନ୍ଦ୍ର ନାରାୟଣ ସିଂହ)

ମାଟ୍ରିକ ବୋର୍ଡ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକର ୮ଟି କେନ୍ଦ୍ରରେ ମୋଟ ୧୧୦୫ ଜଣ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ଦେବେ। ବର୍ତ୍ତି ପାଟେଣିଗାଁସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୮, ନାଳିବର ସ୍କୁଲରେ ୧୫୨, ଗନାଇଲୋ କେନ୍ଦ୍ରରେ ୧୧୯, ରେଣ୍ଟୁଆ ସ୍କୁଲରେ ୧୪୧, ରଘୁନାଥପୁର ପିଏମଭିଏମରେ ୧୧୦, ତରିକୁନ୍ଦ ସ୍କୁଲରେ ୧୦୦, ସାଦେଇପୁର ସ୍କୁଲରେ ୧୬୮ ଓ ଜଇସୋଳ ସ୍କୁଲରେ୧୩୭ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରସ୍ତୁତ ରଖାଯାଇଛି। ପରୀକ୍ଷା କପି ଭଳି ବେନିୟମ କାର୍ଯ୍ୟକୁ ରୋକାଯିବା ପାଇଁ କେତେକ କେନ୍ଦ୍ରରେ ଏଆଇ କ୍ୟାମେରା ଓ ବାକି ସମସ୍ତ କେନ୍ଦ୍ରରେ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଜଣେ ପର୍ଯ୍ୟବେକ୍ଷକ ନିୟୋଜିତ ରହିବେ। ପରୀକ୍ଷା କେନ୍ଦ୍ରକୁ ନଜର ରଖିବା ପାଇଁ ବ୍ଲକ, ଜିଲା ଓ ବୋର୍ଡ ଅଫିସ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ୧୨ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। କେବଳ ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ ସମୟ ଦିଆଯିବ ବୋଲି ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଗତ୍‌ସିଂହପୁର,୧୯।୨
(ପ୍ରମୋଦ ନାୟକ)

ବିରିଡି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧଶାସନର କୃତୀ ଛାତ୍ରୀ ଆସ୍ତା ଦାଶ ତୃତୀୟ ଶ୍ରେଣୀ ବୃତ୍ତି ପରିକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏନେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ଧନଞ୍ଜୟ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ସେଠୀ, ସମ୍ମାନିତ ଅତିଥି ଭାବେ ମୀନର୍ଭା ବଳ, ଶର୍ମିଷ୍ଠା ସ୍ୱାଇଁ, ନିରୁପମା ରଥ ଓ ଛାତ୍ରୀଙ୍କ ବାପା ରାକେଶ ଦାଶ ,ମା' ବିଚିତ୍ରା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସ୍ତାଙ୍କୁ ଫୁଲତୋଡା ଓ ଉପହାର ଦେଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ, ଶଶିଭୂଷଣଙ୍କ ଦେଶ ପ୍ରେମ ଅବିସ୍ମରଣୀୟ

ଜଗତସିଂହପୁର,୧୯।୨
(ପ୍ରମୋଦ କୁମାର ନାୟକ)

ଭାରତ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଅଗ୍ରଗଣ୍ୟ ତଥା ଜଗତସିଂହପୁର ଜିଲା ବିରିଡି ବ୍ଲକ ବୀରଭୂମି ବଗଲପୁରର ଗୌରାଙ୍ଗ ଚରଣ ଦାସ ଓ ଶଶିଭୂଷଣ ଦାସଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ବଗଲପୁରର ସଂଗ୍ରାମୀ ପିଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂଗ୍ରାମୀ ଦାସ ଦ୍ୱୟଙ୍କ ସଂଗ୍ରାମୀ ଜୀବନ ଉପରେ ବକ୍ତୃତା, କବିତା ପାଠୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିକୁଞ୍ଜ ବିହାରୀ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଶ୍ରଦ୍ଧାଞ୍ଜଳିସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ଶ୍ୟାମସୁନ୍ଦର ପାଇକରାୟ , ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅରୁଣକୁମାର ଦାସ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ, କମ୍ରେଡ ସିଦ୍ଧାର୍ଥ ରଥ ,ଗୀତିକବି ବାମଦେବ ସ୍ୱାଇଁ , କବି ପୀତାମ୍ବର ମହାପାତ୍ର, କମ୍ରେଡ୍ ନାରାୟଣ ଭୋଳ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଏବଂ ଶଶିଭୂଷଣଙ୍କ ଦେଶ ଓ ମାଟି ପ୍ରେମ ଅବିସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ସରପଞ୍ଚ ତରୁଣା କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ସୁଶୀଳ କୁମାର ଦାସ ପରିଚୟ ପ୍ରଦାନ କରିଥିଲେ। ପ୍ରିୟତମା ସାହୁ ଓ ଦୀପ୍ତିମୟୀ ପଶାୟତଙ୍କ ସଂଯୋଜନାରେ କବିତା ଆବୃତ୍ତି କରାଯାଇଥିଲା। ସଞ୍ଜୟ ଦାସ, ଅଜୟ ପରିଡା , ଗୋପାଳ ଦାସ, ବିଦ୍ୟୁତ ମହାରଣା, ବାବୁଦାସ, ବନମାଳୀ ବେହେରା ଏହାକୁ ପରିଚାଳନା କରିଥିଲେ। ବଗଲପୁର ଯୁବକସଂଘର ସଭାପତି ଶିବପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

# ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ସମ୍ମାନ ମିଳୁ

ଜଗତ୍‌ସିଂହପୁର, ୧୯।୨(ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ପରିବାର ତଥା ସମାଜରେ ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁନାହିଁ। ବିଭିନ୍ନ ସମୟରେ ଏଭଳି ଅଭିଯୋଗ ଆସିବା ଚିନ୍ତାଜନକ କଥା। ଏହା ଆଦୌ ଗ୍ରହଣୀୟ ନୁହେଁ। ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚର ୮ମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ଏହା କହିଛନ୍ତି। ସ୍ଥାନୀୟ ଜୟବଡ଼ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ସେ କହିଥିଲେ, ବରିଷ୍ଠ ନାଗରିକମାନଙ୍କ ପାଇଁ ଆଇନ ବ୍ୟବସ୍ଥା ଅଛି। ସେମାନଙ୍କୁ ସମସ୍ତ ପ୍ରକାର ଆଇନଗତ ସହାୟତା ଯୋଗାଯାଇପାରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚ ସଭାପତି ଡା. ରଘୁନାଥ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚରେ ନୂଆକରି ସାମିଲ ହୋଇଥିବା ୨୭ଜଣ ସଭ୍ୟାସଭ୍ୟଙ୍କୁ ସ୍ୱାଗତ ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଉପସଭାପତି ପ୍ରେମାନନ୍ଦ ପଢ଼ିହାରୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ସମ୍ପାଦକ ରବିନ୍ଦ୍ରନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ରଥ, ନିତ୍ୟାନନ୍ଦ ପଢ଼ିହାରୀ, ପ୍ରଦୀପ ପଟ୍ଟନାୟକ, ବିଜୟ ବିଶ୍ୱାଳ, ରଶ୍ମିରଞ୍ଜନ ସାହୁ, ହୃଦାନନ୍ଦ ମହାନ୍ତି, ଅବଧୂତ ନାୟକ, ରଶ୍ମିରଞ୍ଜନ ମହାନ୍ତି, ସୌରିପ୍ରସାଦ ନାୟକ ଓ ସୁକାନ୍ତ କୁମାର ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ମୋରମ, ବାଲି ପକାଇ ରାସ୍ତା ବିଲ୍ କରିବାକୁ ଯୋଜନା



ରାସ୍ତାରେ ବାଲି, ମୋରମ ପକାଯାଇଛି।

■ ଦେବୀଦୋଳଠାରୁ ଅଙ୍ଗେଶ୍ୱରପଡ଼ା ଦେବୀ ନଦୀ ବାମପାର୍ଶ୍ୱ ବନ୍ଧ

■ ଅବଧି ସରିବା ପରେ କାମ ସରୁନି

ନାଉଗାଁ,୧୯।୨(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳଠାରୁ ଅଙ୍ଗେଶ୍ୱରପଡା ପର୍ଯ୍ୟନ୍ତ ଦେବୀନଦୀର ବାମ ପାର୍ଶ୍ୱ ବନ୍ଧ ରାସ୍ତାର ଉନ୍ନତିକରଣ କାମ ଜାରି ରହିଛି। ଏହି କାମ ଜଗତ୍‌ସିଂହପୁର ଜଳସେଚନ ବିଭାଜନ ଅଧୀନରେ ରହିଛି। କାମକୁ ବିଭାଗ ପକ୍ଷରୁ ଏକ ସଂସ୍ଥାକୁ ଦିଆଯାଇଛି। ଉକ୍ତ ବନ୍ଧ କାମରେ ପ୍ରଥମେ ମେଟାଲ, ମୋରମ ପକାଯାଇ ରୋଲିଂ ପରେ ପିଚୁ କରାଯିବାର ନିୟମ ରହିଛି। କିନ୍ତୁ ସମ୍ପୃକ୍ତ ସଂସ୍ଥା ନଦୀ ବନ୍ଧରେ ନାମକୁ ମାତ୍ର ମୋରମ ମାଟି ପକାଇ ବିଲ କରିବାକୁ ମସୁଧା ଚଳାଇଥିବା ଜଣାପଡ଼ିଛି। ଉକ୍ତ ନଦୀବନ୍ଧ ପାଖାପାଖି ୧୧ କି.ମି. କାମ ପାଇଁ ବିଭାଗ ପକ୍ଷରୁ ୯ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। କାର୍ଯ୍ୟ ଆରମ୍ଭ ୨୦୨୩ ଡିସେମ୍ବର ୨୮ ରହିଥିବା ବେଳେ କାମ ଶେଷ ୨୦୨୪ ସେପ୍ଟମ୍ବର ୨୭ ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ଅବଧି ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ସରି ନାହିଁ।

ସବୁଠାରୁ ବଡ଼କଥା ହେଲା ସମ୍ପୃକ୍ତ ଠିକାଦାର ନଦୀ ବନ୍ଧପାର୍ଶ୍ୱରୁ ମାଟି ଆଣି ବନ୍ଧରେ ପକାଉଥିବା ବେଳେ ନିମ୍ନମାନର ମୋରମ ପକାଯାଉଛି। ଉକ୍ତ ମୋରମ ନାଳି ବାଲି ସଦୃଶ ଦେଖାଯାଉଛି। ଏପରିକି ପବନରେ ଉକ୍ତ ନାଳି ବାଲି ଉଡୁଛି। ସେହିପରି ନଦୀ ପାର୍ଶ୍ୱରୁ ମାଟି ଖୋଳୁଯାଉଥିବାରୁ ବର୍ଷାଦିନେ ବନ୍ୟା ସମୟରେ ନଦୀ ବନ୍ଧ ପ୍ରତି ବିପଦ ଦେଖାଦେବ ବୋଲି ସ୍ଥାନୀୟ ବାସିନ୍ଦା ନକୁଳ ମହାପାତ୍ର, ସଞ୍ଜୟ ରାଉତ ଆଦି ମତବ୍ୟକ୍ତ କରିଛନ୍ତି। ସେହିପରି ଏତେ ଅର୍ଥ ଖର୍ଚ୍ଚ କରାଯାଇ ନଦୀ ବନ୍ଧର ଉନ୍ନତିକରଣ କାମ ଚାଲୁଥିବା ବେଳେ କୌଣସି ସୂଚନାଫଳକ ଲଗାଯାଇନାହିଁ। ଯାହା ଫଳରେ ଠିକା ସଂସ୍ଥା ମନୋମୁଖୀ କାମ କରୁଥିବା ଅଭିଯୋଗ ହେଉଛି। ନିମ୍ନମାନର କାମ ଯୋଗୁ ନଦୀ ବନ୍ଧ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଉକ୍ତ କାମ ଉପରେ ତଦନ୍ତ କରାଯାଇ ଠିକ୍ ଭାବେ କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳ ସେଚନ ବିଭାଗର ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ପଚାରିବାରେ କାମ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଇଣ୍ଡିଆନ ବ୍ୟାଙ୍କ Indian Bank ଇଲାହାବାଦ ALLAHABAD
ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
| --- | --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ମହମ୍ମଦ କାମିଲ୍**, ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍** । | **ଶ୍ରୀ ମହମ୍ମଦ କାମିଲ୍‌**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା: (୧)ମେସର୍ସ **ଓର୍ଚ୍ଚିଡ ରିଟେଲ୍ (ପାର୍ଟନରସିପ୍ ଫାର୍ମ)**, ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ କାମିଲ୍ (ମ୍ୟାନେଜିଂ ପାର୍ଟନର)**, ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର)** । | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲଦାର ଇଫତିୟାକ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇକ୍‌ରାର ବକ୍ସ। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ କାମିଲ୍‌**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨ । | | ୧୭.୦୨.୨୦୨୫ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଜିଲା ବିକାଶରେ ଅର୍ଥର ଅଭାବ ରହିବନାହିଁ: ମନ୍ତ୍ରୀ

## ବ୍ୟାସସରୋବର ମହୋତ୍ସବ ଉଦ୍‌ଯାପିତ

ଯାଜପୁରରୋଡ୍,୧୯।୨(ପବିତ୍ର ରଞ୍ଜନ ମହାନ୍ତି)


ବ୍ୟାସସରୋବର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁର ଜିଲା ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ। ଓଡ଼ିଶାର ପୂର୍ବ ରାଜଧାନୀ ଯାଜପୁର ନିଜ ପରିଚୟରେ ଗୌରାବନ୍ୱିତ ହେବ। ସବୁ ନିର୍ବାଚନମଣ୍ଡଳୀରେ ଉଦାହରଣ ଯୋଗ୍ୟ ବିକାଶ ନିଶ୍ଚୟ ହେବ। ବ୍ୟାସସରୋବର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଏକଥା କହିଛନ୍ତି।

ବ୍ୟାସନଗର ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଓ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଓ ପାରିଷଦ ରଶ୍ମିତା ରାଉତ ଉପସ୍ଥିତ ଥିଲେ।

ବିଧାୟକ ଦାସ ନାୟକ ତାଙ୍କ ବକ୍ତବ୍ୟରେ ପୌର ରାଜନୀତିରେ ସୃଷ୍ଟି ହୋଇଥିବା ଗୋଳମାଳିଆ ପରିସ୍ଥିତିକୁ ଇଙ୍ଗିତ କରି ଆସନ୍ତୁ ପାଞ୍ଚ ବର୍ଷରୁ ଦୁଇ ମାସ ରାଜନୀତି କରିବା ବୋଲି କହିଥିଲେ। ପୌର ନିର୍ବାଚନ ପୂର୍ବରୁ ଏକ ମାସ ଓ ବିଧାନସଭା ପୂର୍ବରୁ ଏକମାସ ରାଜନୀତି କରିବା ଏବଂ ବଳକା ୪ ବର୍ଷ ୧୦ ମାସ ବ୍ୟାସନଗର ସହରର ବିକାଶ ପାଇଁ କାମ କରିବା ବୋଲି ପ୍ରକାଶ କରିଥିଲେ। ଏହାବ୍ୟତୀତ ସହରର ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇ ସାରିଛି। ଆଗକୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୦ ଶଯ୍ୟା ବିଶିଷ୍ଟ କରିବା, ସହର ଚାରିପଟେ ରିଙ୍ଗ ରୋଡ, ଗମନାଗମନର ସୁବିଧା ପାଇଁ ସହରର ସମସ୍ତ ରାସ୍ତା ପୂର୍ତ୍ତ ବିଭାଗରେ ସାମିଲ କରିବା, ସହରର ଉଭୟ ପାର୍ଶ୍ୱରେ ଦୁଇଟି ସ୍ମାର୍ଟ ଶ୍ମଶାନ ନିର୍ମାଣ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସହିତ ଷ୍ଟାଡିୟମକୁ ଜିଲାସ୍ତରୀୟ ଭାବେ ଉନ୍ନତିକରଣ କରିବା ପାଇଁ ଲକ୍ଷ୍ୟ ରହିଥିବା ବିଧାୟକ ଦାସନାୟକ କହିଥିଲେ।

ଏମ୍‌ପି ବେହେରା କହିଥିଲେ, ଏ ସହରର ୩ ନାମ ଯାଜପୁରରୋଡ, ଯାଜପୁର କେନ୍ଦୁଝର ରୋଡ ଓ ବ୍ୟାସନଗର ନାମକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ବ୍ୟାସନଗର ନାମକୁ ବିଧିବଦ୍ଧ ଭାବେ ଶେଷ ଘୋଷଣା କରାଯାଉ। ପୂର୍ବ ସରକାର ସମୟରେ ସହରକୁ ଯେତେ ଅବହେଳା କରାଯାଇଛି ତା'ର ସମାଧାନ କରିବା ସହିତ ସହର ପାଇଁ ଗଳିପୋଲ, ଓଭରବ୍ରିଜ କାର୍ଯ୍ୟ ଆରମ୍ଭ ହୋଇଛି। ରେଲୱେ ପ୍ଲଟକୁ ଚୂନ ଭାଟି ପଟକୁ ସ୍ଥାନାନ୍ତର କରି ସହରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଉଦ୍ୟମ ଚାଲିଥିବା ସେ କହିଥିଲେ। ଉଦ୍‌ଯାପନୀ ମଞ୍ଚରେ ପୌରପାଳିକାର କନିଷ୍ଠ ଯନ୍ତ୍ରୀ ନୀଳମାଧବ ନନ୍ଦ, ପୌର କର୍ମଚାରୀ ସୁଶାନ୍ତ ରାଉତ, କିଶୋର ରାଉତ, ବାସନ୍ତୀ କିସ୍କୁ, ଗୌରାଙ୍ଗ ଚରଣ ଦଳାଇ, ବାଙ୍କବିହାରୀ ମୁଖୀ, ମଦନ ମୋହନ ଖଟୁଆ, ମାତାଜୀ ମୁଖୀ, ମିନତି ସିଂ, ରଶ୍ମିତା ବିଶ୍ୱାଳ, ୱାଟକୋର ବିଚିତ୍ର କୁମାର ପୁହାଣ, ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ବିଦ୍ୟୁତ୍ ବିଭାଗ ପକ୍ଷରୁ ସୁବ୍ରତ ଚକ୍ର, ଅଗ୍ନିଶମ ସେବା ତରଫରୁ ତାପସ ମନ୍ତ୍ରୀ ଏବଂ ଇଭେଣ୍ଟ ମ୍ୟାନେଜର୍ ରୁଦ୍ର ନାରାୟଣ ମୁଖୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରାପଡ଼ା ଭାବଗ୍ରାହୀ କଳାପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଓଲିଉଡର ପ୍ରଚ୍ଛଦପଟ ଗାୟକ ତିଳକ ଓ ତ୍ରିଷା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରିଥିଲେ। ଅତିରିକ୍ତ ଜିଲାପାଳ ନନ୍ଦ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଗୌତମ


@ ନୀହାର


@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୯ ଦିନରେ ୧ ହରିଣ ମୃତ , ୨ ଆହତ

## କୁକୁର କାମୁଡ଼ାରେ ପୁଣି ହରିଣ ଆହତ

କୁଜଙ୍ଗ,୧୯।୨(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଡିଙ୍କିଆ ନିକଟସ୍ଥ ବୋସ୍କାଲିସ ପଏଣ୍ଟଠାରେ ବୁଧବାର ସନ୍ଧ୍ୟାରେ କୁକୁର କାମୁଡାରେ ଗୋଟିଏ ହରିଣ ଆହତ ହୋଇଛି। ଗତ ୧୯ ଦିନରେ ଗୋଟିଏ ହରିଣର ମୃତ୍ୟୁ ସହ ୨ ହରିଣ କୁକୁର କାମୁଡ଼ାରେ ଆହତ ହେବା ଘଟଣା ସେମାନଙ୍କ ପ୍ରତି ଥିବା ବିପଦକୁ ସୂଚିତ କରିଛି।

ପ୍ରକାଶ ଯେ, ସନ୍ଧ୍ୟା ସମୟରେ ଏକ ହରିଣ ଗାଁମୁହାଁ ହୋଇଥିବା ବେଳେ ବୋସ୍କାଲିସ ପଏଣ୍ଟ ନିକଟରେ ଏକ ବୁଲା କୁକୁର ତାଙ୍କୁ ଆକ୍ରମଣ କରି ପଛ ପଟକୁ କାମୁଡି ରକ୍ତାକ୍ତ କରି ଦେଇଥିଲା। ନିକଟରେ ଥିବା ଡ଼ିଙ୍କିଆର କେତେଜଣ ଲୋକ ଦେଖି ଦୌଡ଼ି ଆସି କୁକୁର କବଳରୁ ଆହତ ହରିଣକୁ ଉଦ୍ଧାର କରି କୁଜଙ୍ଗ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବାଲିତୁଠ ସେକ୍ସନ ବନପାଳ ପଦ୍ମନାଭ ରାଉତ, ଜଟାଧାର ତନ୍ଦା ଦାୟିତ୍ୱରେ ଥିବା ବନପାଳ ରାଜେଶ ପଟ୍ଟନାୟକ ଓ ନୂଆଗାଁ ବନପାଳ ପ୍ରଦୀପ ବେହେରା ଘଟଣାସ୍ଥଳରେ ପହଞ୍ଚି ଆହତ ହରିଣକୁ ଆଣି ବାଲିତୁଠ ବିଟ ହାଉସରେ ରଖିଥିଲେ। ଏଥିସହ ପ୍ରାଣୀ ଚିକିତ୍ସକଙ୍କୁ ଡକାଇ ଚିକିତ୍ସା କରିଥିବା ଜଣାପଡ଼ିଛି।

ଡିଙ୍କିଆ ଚାରିଦେଶରେ ଶିଳ୍ପ ପାଇଁ ଜଙ୍ଗଲ କ୍ଷୟ ଯୋଗୁ ବନ୍ୟ ପ୍ରାଣୀ ବିପଦରେ ପଡିଛନ୍ତି । ଫେବୃୟାରୀ ୧ରେ ଏକ ମାଈ ହରିଣ ତାର ୩ ଶାବକ ସହ ଗାଁ ମଧ୍ୟକୁ ପଶି ଆସିଥିବା ବେଳେ ନୂଆଗାଁ ସିଦ୍ଧ ଗୁମ୍ଫା ନିକଟରେ କେତୋଟି ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇଥିଲା । କୁକୁରଙ୍କ ମୁହଁରୁ ଶାବକଙ୍କୁ ବଞ୍ଚାଇବାକୁ ଯାଇ ମା'ହରିଣ ଗୁରୁତର ହୋଇଥିଲା । ପରଦିନ ଅର୍ଥାତ ୨ ତାରିଖରେ ଏକ ହରିଣ ଛୁଆର କ୍ଷତବିକ୍ଷତ ମୃତ ଦେହ ସେହି ସିଦ୍ଧ ଗୁମ୍ଫା ନିକଟରୁ ମିଳିଥିଲା । ସେହିପରି ୮ ତାରିଖ ସନ୍ଧ୍ୟାରେ ଗାଁ ମୁହାଁ ଏକ ହରିଣକୁ ବୁଲା କୁକୁରମାନେ ଆକ୍ରମଣ କରିଥିଲେ ।ଜୀବନ ବିକଳରେ ହରିଣଟି ନୂଆଗାଁ ମଠ ସାହିର କେଶବ ବେହେରାଙ୍କ ଘରେ ପଶିଯିବାରୁ ତାର ଜୀବନ ରକ୍ଷା ହୋଇଯାଇଥିଲା। ବାରମ୍ବାର ହରିଣ ବୁଲାକୁକୁର ଆକ୍ରମଣ ଶିକାର ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ କୁଜଙ୍ଗ ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡାଇଙ୍କୁ ପଚାରିବାରେ, ବନବିଭାଗ ଶିଳ୍ପ ପାଇଁ ଜଙ୍ଗଲ ଜମି ହସ୍ତାନ୍ତର କରିସାରିଛି। ଉକ୍ତ ଜଙ୍ଗଲଗୁଡ଼ିକ କଟା ଚାଲିଥିବାରୁ ବନ୍ୟପ୍ରାଣୀମାନେ ଆଶ୍ରୟ ପାଇଁ ବାହାରକୁ ପଳାଇ ଆସୁଛନ୍ତି। ଏ ସମ୍ପର୍କରେ ସେ ରାଜନଗର ଡିଏଫ୍‌ଓଙ୍କୁ ଦୈନନ୍ଦିନ ଅବଗତ କରାଉଛନ୍ତି। ଉଚ୍ଚକର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଖଣ୍ଡାଇ କହିଛନ୍ତି।


ଆହତ ହରିଣ।

# ପବନ ଯୋଗୁ ଡଙ୍ଗା ଭାରସାମ୍ୟ ହରାଇ ପାଣି ପଶିଲା

- ଡଙ୍ଗାରୁ ଡେଇଁ ୪୦ ଯାତ୍ରୀ ଓହ୍ଲାଇଲେ
- ପାରାଦୀପ ମୂଷାଡ଼ିଆ ପାର୍ଶ୍ୱକୂଳ


ମୂଷାଡିଆ ପାର୍ଶ୍ୱରେ ପାଣି ପଶି ରହିଥିବା ଘାଟ ଡଙ୍ଗା ଏବଂ ଘାଟରୁ ଫେରୁଛନ୍ତି ଯାତ୍ରୀ।

ମହାକାଳପଡ଼ା,୧୯।୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ବୁଧବାର ସନ୍ଧ୍ୟାରେ ହଠାତ ପଶ୍ଚିମା ଝଡ଼ ପବନରେ ମହାନଦୀରେ ଏକ ଯାତ୍ରୀବାହୀ ଡଙ୍ଗାରେ ପାଣି ପଶିଯିବାରୁ ଅଳ୍ପକେ ଯାତ୍ରୀ ବର୍ଞ୍ଚି ଯାଇଛନ୍ତି। କେନ୍ଦ୍ରାପଡ଼ା ଜିଲାର ମହାନଦୀ–ବାହାକୁଦ–ମୂଷାଡ଼ିଆ ଫେରି ଘାଟ ଡଙ୍ଗା ୪୦ରୁ ଅଧିକ ଯାତ୍ରୀ ଓ ବାଇକ୍ ନେଇ ବାହାକୁଦ ଗ୍ରାମପାର୍ଶ୍ୱରୁ ପାରାଦୀପ ମୂଷାଡ଼ିଆକୁ ଯାଉଥିଲା। ପବନ ବର୍ଷା ଯୋଗୁ ଘାଟ ଡଙ୍ଗାଟି ଟଳମଳ ଅବସ୍ଥାରେ ମୂଷାଡ଼ିଆ କୂଳରେ ଭାରସାମ୍ୟ ହରାଇ ଲାଗିବା ପରେ ପାଣି ପଶି ଯାଇଥିଲା। ଫଳରେ ଯାତ୍ରୀମାନେ ଡଙ୍ଗାରୁ ଡେଇଁ ଓଦା ହୋଇ ଉପରକୁ ଉଠି ଆସିଥିଲେ ବୋଲି ରାମନଗର, ଖରିନାସୀ ଅଞ୍ଚଳର ଲୋକ କହିଛନ୍ତି। ତେବେ ଘାଟିଆ କହିବା କଥା ବିଶେଷ ଭାବେ କାହାର କିଛି କ୍ଷତି ହୋଇନାହିଁ। କୂଳରେ ଡଙ୍ଗାରେ ପାଣି ପଶିବାରୁ ଏକ ବଡ଼ ଅଘଟଣରୁ ବର୍ତ୍ତିଗଲୁ। ଅପରପକ୍ଷରେ ପବନ ବର୍ଷାରେ କାହିଁକି ଫେରି ଘାଟ କୂଳରୁ ଡଙ୍ଗା ଛାଡ଼ିଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଏକ ଘଣ୍ଟା ପରେ ବର୍ଷା ପବନ ଛାଡ଼ିବାରୁ ଫେରିଘାଟ ଡଙ୍ଗାଗୁଡ଼ିକ ସ୍ୱାଭାବିକ ଭାବେ ଚଳାଚଳ କରିଥିବା ଦାୟିତ୍ୱରେ ଥିବା ଘାଟ ବାହକ କହିଛନ୍ତି। ସେହିପରି ଘାଟରେ ଆଲୋକ ବ୍ୟବସ୍ଥା ନ ଥିବାବେଳେ ଯାତ୍ରୀଙ୍କ ଲାଗି ଲାଇଫ ଜ୍ୟାକେଟ, ଡଙ୍ଗା ପଞ୍ଜୀକରଣ ପ୍ରମାଣପତ୍ର ନାହିଁ ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ଶିବ ମଲିକଙ୍କୁ ପଚାରିବାରେ ମୂଷାଡ଼ିଆ ଘାଟ କୂଳରେ ପବନ ବର୍ଷା ଯୋଗୁ ଡଙ୍ଗାରେ ପାଣି ପଶି ଯାଇଥିଲା। ଯାତ୍ରୀମାନେ ଡେଇଁ ଉପରକୁ ଉଠି ଆସିଥିଲେ। କାହାର କିଛି କ୍ଷତି ହୋଇନାହିଁ ବୋଲି ସେ କହିଛନ୍ତି।

# ଅସରାଏ ବର୍ଷାରେ ଦୈନିକ ପରିବା ମାର୍କେଟ୍ ବେହାଲ

## ପାଣି ସୁଅରେ ଭାସିଲା ପନିପରିବା, ହନ୍ତସନ୍ତ ବ୍ୟବସାୟୀ

ଡେରାବିଶ,୧୯।୨ (ବେବର୍ତ୍ତା ଅଜୟ ଦାସ)


ବର୍ଷା ପାଣିରେ ମାର୍କେଟରେ ଥିବା ଦୋକାନରେ ପନିପରିବା ଭାସୁଛି।

ଡେରାବିଶ ବ୍ଲକ ଅଞ୍ଚଳ ଅଧୀନ ବିଭିନ୍ନସ୍ଥାନରେ ବୁଧବାର ସନ୍ଧ୍ୟାରେ ହଠାତ ବର୍ଷା ହୋଇଛି। ଏଥିରେ ଗୋଲରାହାଟ ପଞ୍ଚାୟତ ଫାଣ୍ଡି ବଜାର ଦୈନିକ ପରିବା ମାର୍କେଟର ଅବସ୍ଥା ବେହାଲ ହୋଇପଡ଼ିଥିଲା। ଖାଲୁଆ ସ୍ଥାନରେ ପ୍ରତ୍ୟେହ ବସୁଥିବା ମାର୍କେଟରେ ଅସରାଏ ବର୍ଷା ପାଣି କିଛି ସମୟ ମଧ୍ୟରେ ଆଣ୍ଠୁଏ ଲେଖା ଛିଡ଼ା ହୋଇଥିଲା। ଫଳରେ ବିଭିନ୍ନ ପନିପରିବା ପାଣିରେ ଭାଶିବାରେ ଲାଗିଥିଲା। ଏପରିକି ୧୫ରୁ୨୦ ମିନିଟ୍ ପରେ ଏହି ବର୍ଷା କମି ଯାଇଥିଲେ ସୁଦ୍ଧା ଖୋଲା ଆକାଶ ତଳେ ବସୁଥିବା ବ୍ୟବସାୟୀଙ୍କ ପନିପରିବା ପାଣି ସୁଅରେ ଭାସି ପଳାଉଥିବା ଦେଖାଯାଇଥିଲା। ବର୍ଷା ଛାଡ଼ିଲା ପରେ ବ୍ୟବସାୟୀ ଆସି ପାଣିରେ ଭାସି ପଳାଉଥିବା ପରିବାକୁ ଗୋଟାଇ ଥିଲେ। ତେବେ ଫାଣ୍ଡି ବଜାରର ଏକ ତଳୁଆ ସ୍ଥାନରେ ପରିବା ମାର୍କେଟ ବହୁ ଅବ୍ୟବସ୍ଥାରେ ଦୀର୍ଘବର୍ଷ ହେଲା ଚାଲିଛି। ଏହି ଦୈନିକ ମାର୍କେଟର ପରିବା ବ୍ୟବସାୟୀଙ୍କ ପାଇଁ ଛାତଥିବା ପିଣ୍ଡି ନିର୍ମାଣ ସହ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା ପାଇଁ ଦୀର୍ଘବର୍ଷ ହେଲା ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ବିଭିନ୍ନ ସମୟରେ ଖୋଲା ଆକାଶ ତଳେ ଚାଲୁଥିବା ଏହି ଦୈନିକ ମାର୍କେଟରେ ଗରିବ ଚାଷୀ ଓ ବ୍ୟବସାୟୀ ଅସୁବିଧା ଭୋଗି ଚାଲିଛନ୍ତି। ତେଣୁ ଏହି ଦୈନିକ ମାର୍କେଟ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଯଥାଶୀଘ୍ର ଧ୍ୟାନ ଦେବାକୁ ଅଞ୍ଚଳର ଚାଷୀ, ବ୍ୟବସାୟୀ ଓ ଜନସାଧାରଣ ଦାବିକରିଛନ୍ତି।

# ବେଙ୍ଗାଲୁରୁରୁ ଟ୍ରେନ୍‌ରେ ଘରକୁ ଫେରୁଥିବା ପୁଅ ନିଖୋଜ

## ଥାନାର ଦ୍ୱାରସ୍ଥ ହେଲେ ବାପା

ନାଉଗାଁ,୧୯।୨(ସୁଧା ବେହୁରା)


ସୋମନାଥ ଦାସ

ବେଙ୍ଗାଲୁରୁରୁ ଟ୍ରେନରେ ଘରକୁ ଫେରୁଥିବା ପୁଅ ଅଧାବାଟରେ ନିଖୋଜ ହୋଇଯାଇଥିବା ନେଇ ନାଉଗାଁ ଥାନାରେ ବୁଧବାର ଅଭିଯୋଗ ହୋଇଛି। ନିଖୋଜ ଯୁବକ ହେଲେ ନାଉଗାଁ ଥାନା ଅନ୍ତର୍ଗତ ଗୋଠଦା (ଇଚ୍ଛାପୁର) ଗ୍ରାମର ନୃସିଂହ ଚରଣ ଦାସଙ୍କ ଏକମାତ୍ର ପୁଅ ସୋମନାଥ (୩୨)। ନୃସିଂହଙ୍କ ଅଭିଯୋଗ ଅନୁଯାୟୀ, ସୋମନାଥ ପରିବାର ପ୍ରତିପୋଷଣ ପାଇଁ ବର୍ଷେ ହେବ ବାଙ୍ଗାଲୋରସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୧୫ ତାରିଖରେ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ୍‌ରେ ସେ ଘର ଅଭିମୁଖେ ଆସୁଥିଲେ। ୧୬ ତାରିଖରେ ଗାଡ଼ି ବିଶାଖାପାଟଣାରେ ଥିଲାବେଳେ ପରିବାର ସଦସ୍ୟଙ୍କ ସହ ଶେଷ ଥର ପାଇଁ କଥା ହୋଇଥିଲେ। ଏହାପରଠାରୁ ମୋବାଇଲ୍ ସୁଇଚ୍ ଅଫ ରହିଥିବାରୁ ଆଉ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଟ୍ରେନ୍ ଭୁବନେଶ୍ୱରରେ ୧୭ ତାରିଖରେ ପହଞ୍ଚିବା ପରେ ମଧ୍ୟ ସୋମନାଥ ଘରକୁ ନ ଆସିବାରୁ ନୃସିଂହ ଥାନା ଅଭିଯୋଗ କରିଥିବା କହିଛନ୍ତି।

# ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡି ପକ୍ଷରୁ ସିଏନ୍‌ଜି ଟ୍ରକ୍‌ରେ ଫେରୋକ୍ରୋମ ରପ୍ତାନି

କଳିଙ୍ଗନଗର,୧୯।୨(ଶୁଭାଶିଷ ରାଉତ)


ସିଏନଜି ଟ୍ରକରେ ଫେରୋକ୍ରୋମ ରପ୍ତାନିର ଶୁଭାରମ୍ଭ କରାଯାଉଛି।

ଟାଟାଷ୍ଟିଲର ଫେରୋ ଆଲଏଜ ଏବଂ ମିନେରାଲ୍ସ ଡିଭିଜନ(ଏଫ୍‌ଏଏମ୍‌ଡି) ପକ୍ଷରୁ ବୁଧବାର ଯାଜପୁର ଫେରୋ ଆଲଏଜ ପ୍ଲାଣ୍ଟ(ଏଫ୍‌ଏପି)ରେ ରପ୍ତାନି ନିମନ୍ତେ କମ୍ପ୍ରେସଡ ନ୍ୟାଚୁରାଲ ଗ୍ୟାସ(ସିଏନଜି) ଟ୍ରକର ପରୀକ୍ଷଣ କରାଯାଇଛି। ଏହି ପଦକ୍ଷେପ ଟାଟା ଷ୍ଟିଲର ପରିବେଶ ସୁରକ୍ଷା ଲାଗି ଦୀର୍ଘସ୍ଥାୟୀତା ପ୍ରତିବଦ୍ଧତାକୁ ଦୃଢ଼ କରିବ ଏବଂ ଲଜିଷ୍ଟିକ ଓ ଯୋଗାଣ ଶୃଙ୍ଖଳାରେ କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା କ୍ଷେତ୍ରରେ ସାହାଯ୍ୟ କରିବ। ଯାଜପୁରରୁ ଭାଇଜାଗକୁ ସିଏନଜି ଟ୍ରକରେ ଫେରୋ ଆଲଏଜ ପରିବହନ, ହାଇସ୍ପିଡ ଡିଜେଲ ଟ୍ରକ ତୁଳନାରେ ଅଙ୍ଗାରକାମ୍ଳ(ସିଓ୨) ମାତ୍ରାକୁ ପ୍ରାୟ ୨୦–୨୫% ହ୍ରାସ କରୁଛି। ୱାନ ସପ୍ଲାଇ ଚେନ, ଟାଟା ଷ୍ଟିଲ ଏବଂ ମେସର୍ସ ସିଜେ ଡାର୍ସିଏଲ ଟିମର ପ୍ରୋକ୍ୟୁର୍ମେଣ୍ଟ ଟିମର ମିଳିତ ସହଯୋଗରେ ଏହା କାର୍ଯ୍ୟକାରୀ କରାଯାଇଛି।

ଏଫ୍‌ଏପି ଯାଜପୁରର ମୁଖ୍ୟ ଆଲୋକ ପଣ୍ଡା, ଲଜିଷ୍ଟିକ–ଏଫଜି(ଏଫଏଏମଡି) ସିନିୟର ଏରିଆ ମ୍ୟାନେଜର ସୌମ୍ୟ ବସୁ, ପ୍ରୋକ୍ୟୁର୍ମେଣ୍ଟ, ପରିବହନ (କଞ୍ଚାମାଲ)ର ସିନିୟର ଏରିଆ ମ୍ୟାନେଜର ମୁନମୁନ ଡାହ, ଏବଂ ମେସର୍ସ ସିଜେ ଡାର୍ସିଏଲର ପ୍ରତିନିଧିଙ୍କ ଉପସ୍ଥିତିରେ ଲଜିଷ୍ଟିକ ବିଭାଗ(ଏଫଏଏମଡି)ମୁଖ୍ୟ ଅମିତ ଚୌବେ ପତାକା ଦେଖାଇ ଏହି ସିଏନଜି ଟ୍ରକ ପରିବହନର ଶୁଭାରମ୍ଭ କରିଥିଲେ। ଏ ସମ୍ପର୍କରେ ଏଫ୍‌ଏଏମ୍‌ଡିର କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସତିଜା କହିଛନ୍ତି, ପ୍ଲାଣ୍ଟ ପରିଚାଳନାରେ ସ୍ୱଚ୍ଛଇନ୍ଧନର ବ୍ୟବହାର ଦିଗରେ କାର୍ଯ୍ୟରତ ଅଛୁ ଏବଂ ଯୋଗାଣ ଶୃଙ୍ଖଳରେ ମଧ୍ୟ ଏହାକୁ ଲାଗୁ କରୁଛୁ। ଏହି ପରୀକ୍ଷଣ ସମଗ୍ର ମୂଲ୍ୟ ଶୃଙ୍ଖଳାରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଫେରୋକ୍ରୋମ ରପ୍ତାନି ପାଇଁ ସିଏନଜି ଟ୍ରକର ସଫଳ ପରୀକ୍ଷଣ ଏବଂ ଅଧିକ ଦକ୍ଷ ଲଜିଷ୍ଟିକ ସମାଧାନ ପାଇଁ ଆମର ନିରନ୍ତର ଅନୁସନ୍ଧାନର ପ୍ରମାଣ। ଟାଟା ଷ୍ଟିଲ ନିକଟ ଅତୀତରେ ଏହାର କ୍ଷୁଦ୍ର ଦୂରତା କ୍ଷେତ୍ର ପାଇଁ ଫେରୋକ୍ରୋମ ଏବଂ ରିଡକ୍ଟେଣ୍ଟ ପରିବହନ ପାଇଁ ଏଫଏପି ଯାଜପୁରଠାରେ ଇଲେକ୍ଟ୍ରିକ ଯାନ(ଇଭି) ଟ୍ରକର ପରୀକ୍ଷଣ କରିଥିଲା।

# କାଳିକାଈ ଠାକୁରାଣୀଙ୍କ ଜବରଦଖଲ ଉଚ୍ଛେଦ

## ସରକାରୀ ମାପରେ ଅସନ୍ତୁଷ୍ଟ ଜବରଦଖଲକାରୀ

ରାଜକନିକା,୧୯।୨(ସଞ୍ଜୟ କୁମାର ଦାଶ)


ପୋଲିସ ଉପସ୍ଥିତିରେ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲର ମାପଚୁପ ଚାଲିଛି।

ଦୀର୍ଘବର୍ଷ ଧରି ମା' ଦକ୍ଷିଣ କାଳିକାଈ ଠାକୁରାଣୀଙ୍କ ବିଜେସ୍ଥଳୀ ଜମିକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରାଯାଇଛି। ରାଜକନିକା ବ୍ଲକ ଉପକଣ୍ଠ କଣ୍ଟପଡ଼ା ପଞ୍ଚାୟତ କାଳିକାପୁର ଗାଁରେ ବିଜେ ଦେବୀ ମା' ଦକ୍ଷିଣ କାଳିକାଈ ଠାକୁରାଣୀଙ୍କ ବିଜେସ୍ଥଳୀ ଜମିରୁ ବୁଧବାର ତହସିଲ ଓ ପୋଲିସ ପ୍ରଶାସନଙ୍କ ଉପସ୍ଥିତିରେ ସରକାରୀ ଅମିନଙ୍କ ଦ୍ୱାରା ମପାଚୁପ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇ କମିଟିଦ୍ୱାରା ଖୁଣ୍ଟ ପୋତାଯାଇଛି।

କାଳିକାପୁରସ୍ଥିତ କାଳିକାଈ ଠାକୁରାଣୀଙ୍କ ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ କରିବାକୁ କାଳିକାପୁର, ଗଙ୍ଗାଧରପୁର, ଝରମୁହଁ, ଜରିସାହି, ଚେରଣ୍ଟପଡ଼ା ଆଦି ୫ ଗାଁକୁ ନେଇ ଗଠିତ କମିଟି ସ୍ଥିର କରିଥିଲା। ହେଲେ ଠାକୁରାଣୀଙ୍କ ମନ୍ଦିର ବାମ ପାର୍ଶ୍ୱକୁ ଦୀର୍ଘବର୍ଷ ହେବ ଜବରଦଖଲ କରି ଘର କରି ଚଳାଚଳ କରି ଆସୁଥିବା ପରିବାର ଏହି ଜମି ଆମ ପରିବାରର ବୋଲି କହି ଆସୁଥିଲେ। ଏହାକୁ ନେଇ ଅନେକଥର ମପାଚୁପ ମଧ୍ୟ ହୋଇଥିଲା। ହେଲେ କୌଣସି ମାପଚୁପରେ ଜବରଦଖଲକାରୀ ସନ୍ତୁଷ୍ଟ ନ ଥିଲେ। ଫଳରେ ସବୁ କଳ୍ପନା କଳ୍ପନା ଅନ୍ତ ଘଟାଇ ତହସିଲ ପ୍ରଶାସନ ହସ୍ତକ୍ଷେପରେ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ସରକାରୀ ଅମିନ ଗଙ୍ଗାଧର ପଣ୍ଡା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ବୁଧବାର ମାପଚୁପ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇଛି। କମିଟି ପକ୍ଷରୁ ଉକ୍ତ ସୀମାରେ ଖୁଣ୍ଟ ପକାଇଛନ୍ତି। ହେଲେ ଜବରଦଖଲକାରୀ ଏହି ସରକାରୀ ମାପଚୁରେ ସନ୍ତୁଷ୍ଟ ନ ଥିବା ଓ ଆମେ କୋର୍ଟର ଆଶ୍ରୟ ନେବୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ କମିଟି ପକ୍ଷରୁ ଶୁକ୍ରବାର ପାଚେରି କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ସଞ୍ଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ ଉଭୟପକ୍ଷଙ୍କୁ ଗୁରୁବାର ଥାନାକୁ ଡକାଯାଇଛି। ଏପଟେ ଦେବୋତ୍ତର ସମ୍ପତ୍ତି ଅନ୍ୟପକ୍ଷେ ଜବରଦଖଲକାରୀ ଘର ନିର୍ମାଣ କରିସାରିଛନ୍ତି। ସରକାରୀ ମାପକୁ ନ ମାନିବା ଫଳରେ ଉଭୟପକ୍ଷଙ୍କ ମଧ୍ୟରେ ସମାଧାନ ଚେଷ୍ଟା କରିବା କଥା କହିଥିଲେ। ଏହି କାର୍ଯ୍ୟରେ କମିଟିର ସଭାପତି ଅଜାମ୍ବର ତରାଇ, ସମ୍ପାଦକ ତନ୍ମୟ ରଞ୍ଜନ ଦାସ, ସତ୍ୟନାରାୟଣ ରଥ, ଗୋପାଳ ଦାସ, ନିତ୍ୟାନନ୍ଦ ବେହେରା, ସଞ୍ଜୟ କୁମାର ବିଶ୍ୱାଳ, ପ୍ରକାଶ ନାୟକ, ଅଭୟ କୁମାର ମହାନ୍ତି ଓ ମୃତ୍ୟୁଞ୍ଜୟ ବିଶ୍ୱାଳଙ୍କ ସମେତ କମିଟିର କର୍ମକର୍ତ୍ତା ଓ ୫ ଗ୍ରାମବାସୀଙ୍କ ବ୍ୟତିତ ପଡୋଶୀ କୋଠସାହି, ଗଞ୍ଜା ଓ ପାଖାପାଖି ଗାଁର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ଗ୍ରାମସଭା ନିର୍ଦ୍ଦେଶକୁ ଅଣଦେଖା



ଜନଶୁଣାଣି ଶିବିରରେ ମଞ୍ଚାସୀନ ବିଭାଗୀୟ ଅଧିକାରୀ।

## ନୟାଗଡ଼ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

- ବ୍ଲକ୍‌ରୁ ଜବ୍‌କାର୍ଡ ମିଳୁ ନ ଥିବାରୁ ଉଦ୍‌ବେଗ୍
- ପଞ୍ଚାୟତରେ ମିଳୁନି ଉନ୍ନୟନ କାର୍ଯ୍ୟର କେସ୍ ରେକର୍ଡ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନେଇ ନାହିଁ ସଚେତନତା
- ବହୁ ପ୍ରକଳ୍ପ ଅଧାପନ୍ତରିଆ, ପିଇଓଙ୍କୁ ବିଡିଓଙ୍କ ତାଗିଦ୍

ନୟାଗଡ଼,୧୯।୨(ଲୋକନାଥ ମିଶ୍ର)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ଉପରେ ନୟାଗଡ଼ ବ୍ଲକ୍‌ସ୍ତରୀୟ ଜନଶୁଣାଣୀ ଶିବିର ବୁଧବାର ନୟାଗଡ଼ ବ୍ଲକର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ମନିଷା ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆମ୍ଭସ୍‌ପର୍ସନ ଗିରିଶ ଚନ୍ଦ୍ର ଦାଶ, ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଜିଲା ସାମାଜିକ ଅଡିଟର ବିଜୟ ନାରାୟଣ ବଳିଆରସିଂ, ବ୍ଲକ୍ ସାମାଜିକ ଅଡିଟର ପ୍ରକାଶ ଚନ୍ଦ୍ର ବଳିଆରସିଂହ, ସହକାରୀ ଯନ୍ତ୍ରୀ ଚନ୍ଦ୍ର ଶେଖର ସାମନ୍ତରା, ନୟାଗଡ଼ ବ୍ଲକ ଏପିଓ ମିଟନ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଜନଶୁଣାଣୀରେ ଡେପୁଟି କଲେକ୍ଟରଙ୍କୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ୍ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ, ଭାଇସ୍ ଚେୟାରରମ୍ୟାନ ଲକ୍ଷ୍ମିପ୍ରୀୟା ସାହୁ, ଜିଲା ପରିଷଦ ସଭ୍ୟ ସରୋଜ କୁମାର ରଣସିଂ ଓ କ୍ଷୀରୋଦ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ହୋଇଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା ପାଇଁ ହୋଇଥିବା ଗ୍ରାମସଭାର ନିର୍ଦ୍ଦେଶକୁ ସରକାରୀ କର୍ମଚାରୀ ଓ ଅଧିକାରୀ ଅଣଦେଖା କରୁଥିବା ଆଲୋଚନାରେ ସ୍ଥାନ ପାଇଥିଲା। ସେହିପରି ଉଭୟ ଯୋଜନାର ପଞ୍ଚାୟତରେ କେଶ ରେକର୍ଡ ମିଳୁ ନ ଥିବାରୁ ଯୋଜନାର ସୁଫଳ ମିଳୁ ନାହିଁ। ଏମ୍‌ଜିଏନ୍‌ଆରଇଜିଏସ୍ ନେଇ ୱାଲ ପେଣ୍ଟିଂରେ ସଚେତନତା କରାଯାଉନି। ଏନେଇ ଆଲୋଚନା ପରେ ପୁଣି ୱାଲପେଣ୍ଟିଂ ଯୋଜନାର ସଚେତନତା କରାଯିବାକୁ ନିଷ୍ପତ୍ତି ହୋଇଛି। ଆଗକୁ ମାର୍ଚ୍ଚ ମାସ ଥିଲେ ବି ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ସରକାରୀ କାର୍ଯ୍ୟ ଓ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବାରୁ ଆମ୍ଭସ୍‌ପର୍ସନ, ସାମାଜିକ ଅଡିଟର, ବିଡିଓ ଓ ଡେପୁଟି କଲେକ୍ଟର ଉଦ୍‌ବେଗ ପ୍ରକାଶ କରିଥିଲେ।

ଅନ୍ୟପକ୍ଷେ ସିନ୍ଦୁରିଆ ଓ ଚମ୍ପତିପୁର ପଞ୍ଚାୟତ ପାଇଁ ଜଣେ ପିଇଓ ଥିବାରୁ ଉଭୟ ପଞ୍ଚାୟତର ପିଇଓଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି। ୩ଦିନ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ ରହିଛି। କାରଣଦର୍ଶାଅ ନୋଟିସ୍ ପରେ ବି ଜନଶୁଣାଣୀ ଶିବିରକୁ ଆସି ମନଇଚ୍ଛା ଚାଲିଯିବା ନେଇ ପିଇଓଙ୍କ ଉପରେ ବିଡିଓଙ୍କ କ୍ଷୁବ୍ଧ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜବ୍‌କାର୍ଡ ବ୍ଲକରୁ ମିଳୁ ନ ଥିବାରୁ ଜବ୍‌କାର୍ଡ ବିଭିନ୍ନ ପଞ୍ଚାୟତରେ ଅପ୍‌ଡେଟ ହୋଇ ପାରୁ ନ ଥିବାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଅପ୍‌ଡେଟ ଚଳିତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନୟାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆର୍ଥିକ ବିଚ୍ୟୁତି ୧୨ଟି, ସରକାରୀ ନୀତି ଉଲ୍ଲଘଂନ କରି ୮୪ଟି କାମ, ୮ କାମରେ ଆର୍ଥିକ ଅନିୟମିତତା, ୧୧ ଅଭିଯୋଗ ଏପରି ୧୦୫ଟି ତ୍ରୁଟି ବିଚ୍ୟୁତି ଆସିଛି। ଅନ୍ୟପକ୍ଷେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ଉପରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆର୍ଥିକ ବିଚ୍ୟୁତି, ସରକାରୀ ନୀତି ଉଲ୍ଲଘଂନ, ଆର୍ଥିକ ଅନିୟମିତତା, ଗ୍ରୀଭାନ୍ସ ପରି ୫୦ଟି ତ୍ରୁଟି ବିଚ୍ୟୁତି ଆସିଛି। ଉଭୟ ଯୋଜନାର ୧୫୫ଟି ତ୍ରୁଟି ବିଚ୍ୟୁତିକୁ ଜନଶୁଣାଣୀରେ ସମୀକ୍ଷା କରାଯାଇଥିଲା।

ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଥିବା ନେଇ ଆଲୋଚନା ହୋଇଥିଲା। ଗ୍ରାମୀଣ ପାର୍କ ୧୦ରୁ ମାତ୍ର ୭ଟି, ଖେଳ ପଡିଆ ୬୪ରୁ ୨୮ଟି, ଅଙ୍ଗନୱାଡି ସେଣ୍ଟର ୧୦୬ରୁ ୭୨, ପୋଖରୀ ପୁନରୁଦ୍ଧାର ୯୦ରୁ ୩୦, ଶ୍ମଶାନ ଉନ୍ନତୀକରଣ ୧୫ରୁ ୮ଟି, ଗ୍ରାମାଞ୍ଚଳ ରାସ୍ତା ୧୦୦ରୁ ୬୦, କ୍ଷେତ ପୋଖରୀ ୨୭୯ରୁ ୧୩୩, ଖୋଲା କୂପ ୨୦୯ରୁ ୧୪୧ ଏପରି ମୋଟରେ ୧୦ ହଜାର ୩୫୯ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ୯୩୯୩ ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହୋଇଛି। ଚଳିତ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୨ ହଜାର ୭୧୦ ପରିବାର ୪୦୩୨୭ ଜବ୍‌କାର୍ଡ ପାଇଛନ୍ତି।୨୦୨୪-୨୫ ଆର୍ଥିକ ବର୍ଷରେ ୧ ଲକ୍ଷ ୮ ହଜାର ୨୮୨ ଶ୍ରମ ଦିବସ ସୃଷ୍ଟି ହୋଇଛି। ଏଥିରୁ ୪୪ ହଜାର ୬୬୬ ମହିଳା ଶ୍ରେଣୀର ଶ୍ରମ ଦିବସ ସୃଷ୍ଟି ହୋଇଛି। ୧୪ଟି ପରିବାର ୧୦୦ ଦିନର କାମ ପାଇଥିବାବେଳେ ୬୮୯.୪୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

# ଯୁକ୍ତ ୨ କଳା ପରୀକ୍ଷା ଆରମ୍ଭ

## ପରୀକ୍ଷା ଦେଲେ ୧୦୩୦ ଛାତ୍ରୀଛାତ୍ର, ଅନୁପସ୍ଥିତ ୧୨

ଖଣ୍ଡପଡ଼ା,୧୯।୨(ଅଜୟ କୁମାର ମହାରଣା)

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷା ବୁଧବାରଠାରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି । ଏହି ଅବସରରେ ଖଣ୍ଡପଡ଼ ହବ୍ ସେଣ୍ଟର ଅଧୀନରେ ୪ ମହାବିଦ୍ୟାଳୟରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଆରମ୍ଭ ହୋଇଛି ବୋଲି ହବ୍ ସେଣ୍ଟର ଦାୟିତ୍ୱରେ ଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧକ୍ଷ ବଳରାମ ସାହୁଙ୍କଠାରୁ ସୂଚନା ମିଳିଛି । ପ୍ରଥମ ଦିନରେ ଯୁକ୍ତ ୨ କଳାରେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ୩୬୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ । କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୭୪ ଜଣ ପରୀକ୍ଷାଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିଲେ । ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ୧୮୩ ଜଣଙ୍କ ମଧ୍ୟରୁ ୪ଜଣ , ଭାପୁର ବ୍ଲକର ଭାପୁର ଆଞ୍ଚଳିକ ମହାବିଦ୍ୟାଳୟରେ ୮୬ ଜଣଙ୍କ ମଧ୍ୟରୁ ୨ଜଣ ଏବଂ ପଦ୍ମାବତୀ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୯ ଜଣଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ବୋଲି ସୂଚନା ମିଳିଛି । ପଠାଣି ସାମନ୍ତ ମହାବିଦ୍ୟାଳୟ ହବ୍ ସେଣ୍ଟର ଅଧୀନରେ ଥିବା ଉକ୍ତ ୪ ମହାବିଦ୍ୟାଳୟରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୧୦୩୦ ପରୀକ୍ଷାର୍ଥୀ ଓଡିଆ(ମାତୃଭାଷା) ବିଷୟରେ ପରୀକ୍ଷା ଦେଇଛନ୍ତି ।



ପରୀକ୍ଷା ହଲ୍‌କୁ ଯିବାକୁ କଣ୍ଟିଲୋ କଲେଜ ସମ୍ମୁଖରେ ଛାତ୍ରୀଛାତ୍ରୀ ଧାଡ଼ି ବାନ୍ଧି ଠିଆ ହୋଇଛନ୍ତି ।

# ୭୪ ସେଣ୍ଟରରେ ୧୧ ହଜାର ୨୭୦ ମାଟ୍ରିକ୍ ପରୀକ୍ଷାର୍ଥୀ




କର୍ମଶାଳାରେ ଯୋଗଦେଇଥିବା ଅତିଥି ।

## ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ,ଅବଜରଭରଙ୍କ ପାଇଁ କର୍ମଶାଳା

ନୟାଗଡ଼,୧୯।୨(ଲୋକନାଥ ମିଶ୍ର)

ମାଟ୍ରିକ ପରୀକ୍ଷା ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବ। ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ଅବଜରଭରଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ନୋଡାଲ ଅଧିକାରୀ ତଥା ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ, ଜିଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ, ଜିଲାର ୮ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଯୋଗ ଦେଇ ତାଲିମ ଦେଇଥିଲେ। ନୟାଗଡ଼ ଜିଲାର ୭୪ ସେଣ୍ଟରର ୨୩୬ ସ୍କୁଲରେ ୧୧ ହଜାର ୨୭୦ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ୧୦ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଓ ପତ୍ର ମାଧ୍ୟମ ଶିକ୍ଷାରେ ଜଣେ ଛାତ୍ର କେବଳ ପରୀକ୍ଷା ଦେବାର ରହିଛି । ରେଗୁଲାର, ଏକ୍ସ ରେଗୁଲାର ଓ ପତ୍ରମାଧ୍ୟମ ଶିକ୍ଷା ପାଇଁ ମୋଟ୍ ୭୫ ସେଣ୍ଟର ପାଇଁ ୨୩୬ ସ୍କୁଲରେ ୧୧ ହଜାର ୪୯୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରୁ ଭାପୁର ବ୍ଲକ୍‌ରେ ୮ ସେଣ୍ଟରରେ ୨୪ ସ୍କୁଲର ୧ ହଜାର ୯୦ ଓ ଦଶପଲ୍ଲା ବ୍ଲକର ୯ଟା ସେଣ୍ଟରରେ ୨୭ ସ୍କୁଲର ୧୨୯୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଅନ୍ୟପକ୍ଷେ ଗଣିଆ ବ୍ଲକର ୩ ସେଣ୍ଟରରେ ୮ ସ୍କୁଲର ୪୦୪, ଖଣ୍ଡପଡ଼ା ବ୍ଲକର ୯ ସେଣ୍ଟର ୨୮ ସ୍କୁଲରେ ୧୨୮୮, ନୟାଗଡ଼ ବ୍ଲକର ୧୫ ସେଣ୍ଟରରେ ୪୦ ସ୍କୁଲର ୨୩୨୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ନୂଆଗାଁ ବ୍ଲକର ୮ ସେଣ୍ଟରରେ ୨୬ ସ୍କୁଲର ୧୧୧୧, ଓଡ଼ଗାଁ ବ୍ଲକର ୧୧ ସେଣ୍ଟରରେ ୪୦ ସ୍କୁଲର ୧୮୧୧, ରଣପୁର ବ୍ଲକର ୧୨ ସେଣ୍ଟରେ ୪୩ ସ୍କୁଲର ୨୧୬୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ବ୍ରଜେନ୍ଦ୍ର ହାଇସ୍କୁଲ ଦଶପଲ୍ଲା ହାଇସ୍କୁଲ, ରଘୁନାଥ ବିଦ୍ୟାପୀଠ ଓଡ଼ଗାଁ, ବିସି ହାଇସ୍କୁଲ ରଣପୁର, ଆରସି ହାଇସ୍କୁଲ ଖଣ୍ଡପଡା, ଫତେଗଡ ହାଇସ୍କୁଲ ନୋଡାଲ ସେଣ୍ଟର ହୋଇଛି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ନିହାର



@ ସ୍ୱରାଜ



@ ଗୌତମ



@ ସରୋଜକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଶିବିର

## ୮୦ ଯୁବତୀଙ୍କୁ ଦିଆଯିବ ପ୍ରଶିକ୍ଷଣ

ଖଣ୍ଡପଡ଼ା,୧୯।୨
(ଅଜୟ କୁମାର ମହାରଣା)

ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲାକୁ ପ୍ରାଥମିକତା ଦେଇ ଆସିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରରେ ପୁରୁଷମାନଙ୍କର ଯେଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେହିପରି ମହିଳାମାନେ କିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାମିଲ ହୋଇ ସଫଳତାର ସହ ବିପର୍ଯ୍ୟୟକୁ ସାମନା କରିପାରିବେ ସେ ନେଇ ଏକ ଶିବିର ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଲିଙ୍ଗଗତ ବୈଷମ୍ୟ ପ୍ରତି ଗୁରୁତ୍ୱ ଦେଇ ୧୫ରୁ ୧୯ ବର୍ଷର ଯୁବତୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଖୁବ୍‌ଶୀଘ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଶାସନିକ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ । ଖଣ୍ଡପଡ଼ା ବ୍ଲକ୍ ଅଧୀନ ବାଣପୁର ଓ କଣ୍ଟିଲୋ ପଞ୍ଚାୟତରେ ୮୦ ଜଣ ଯୁବତୀଙ୍କୁ ନେଇ ଆଗାମୀ ଦିନରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ମତ ଦେଇଥିଲେ । ଜିଲା ପ୍ରଶାସନ ପକ୍ଷରୁ ଡିପିଓ ଅଶୋକ କୁମାର ରଥ ଶିବିରରେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ମହିଳା ଓ ପୁରୁଷ ମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିବିରରେ ଖଣ୍ଡପଡା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଏବିଡିଓ ଝାଡେଶ୍ୱର ଦାସ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ, ସିଡିପିଓ କେ.କେଟେଶ୍ୱରୀ, ଖଣ୍ଡପଡା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, ବ୍ଲକ ଯୋଗାଣ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, କୃଷି ଓ ପଶୁ ଚିକିତ୍ସାଧିକାରୀ, ବନ ବିଭାଗ, ମଙ୍ଗଳ ସମ୍ପ୍ରସାରଣ, ଖଣ୍ଡପଡା ଅଗ୍ନିଶମ ଅଧିକାରୀଙ୍କ ସମେତ ବ୍ଲକ୍ ପ୍ରଶାସନର ନିର୍ଦ୍ଦେଶକ୍ରମେ ବଡବାଣପୁର, କଣ୍ଟିଲୋ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ ।




ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ।

# ଅଧାପନ୍ତରିଆ ଭାବେ ପଡ଼ିଛି କୃଷି ବଜାର

- ଅନୁଦାନ ଥାଇ ବି ହୋଇ ପାରୁନି କାମ
- ଚାଷୀମାନେ ହେଉଛନ୍ତି ହୀନସ୍ତା

ନୂଆଗାଁ,୧୯।୨ (ଧନେଶ୍ୱର ସାହୁ)



ଅଧାପନ୍ତରିଆ ଭାବେ ପଡ଼ିଥିବା କୃଷି ବଜାର ଗୃହ ।

ନୟାଗଡ ଜିଲା ନୂଆଗାଁ ବ୍ଲକ ବାହାଡାଝୋଲାଠାରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ନିର୍ମାଣ କରାଯାଉଥିବା କୃଷି ବଜାର ଅଧପନ୍ତରିଆ ଭାବେ ପଡି ରହିଛି। ଅନୁଦାନ ଥିଲେ ମଧ୍ୟ କେଉଁ କାରଣରୁ ଏହି ନିର୍ମାଣ କାମ ଶେଷ ହେଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡାଝୋଲାଠାରେ ଓଡ଼ିଶାର ପ୍ରଥମ ଗୋରୁ ହାଟ ପ୍ରତିଷ୍ଠା କରାଯାଇଥିଲା। ଜିଲା ତଥା ଜିଲା ବାହାରୁ ଅନେକ ଚାଷୀ ଗାଈଗୋରୁ କିଣାବିକା ପାଇଁ ବାହାଡାଝୋଲା ହାଟ ଉପରେ ହିଁ ନିର୍ଭର କରୁଥିଲେ, ଯାହା ଧିରେ ଧିରେ ବନ୍ଦ ହେବାକୁ ବସିଲାଣି। ଗାଈ ଗୋରୁ ହାଟ ସାଙ୍ଗକୁ ପ୍ରତି ଗୁରବାର ପନିପରିବା ସହ ଅନ୍ୟାନ୍ୟ ସାମଗ୍ରୀର ହାଟ ବସେ। ଏହି ହାଟ ଉପରେ ନିର୍ଭର କରି ଅନେକ ପରିବାର ପ୍ରତିପୋଷଣ ହୁଅନ୍ତି। ବାହାଡାଝୋଲା ବ୍ୟବସାୟର ପେଣ୍ଠସ୍ଥଳୀ ହୋଇଥିବାରୁ ଆଖପାଖ ଅଞ୍ଚଳର ଚାଷୀମାନେ ଅମଳ କରୁଥିବା ଫସଲକୁ ବିକ୍ରୀ କରିବା ପାଇଁ ନିୟନ୍ତ୍ରିତ ବଜାର କମିଟି ଉପରେ ନିର୍ଭର କରିଥାଆନ୍ତି । ସେଠାରେ ନିର୍ମାଣ କରାଯାଇଥିବା ଦୋକାନ ଗୃହଗୁଡିକ ଭାଙ୍ଗିରୁଜି ଯାଇଥିଲା। ତେଣୁ ନୂତନ କୃଷି ବଜାର ନିର୍ମାଣ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟ ପାଇଁ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ତତ୍କାଳୀନ ଜିଲାପାଳ ପୋମା ଟୁଡୁ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁଦାମ ଚରଣ ଜେନାଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ୩୦ ଅଗଷ୍ଟ ୨୦୨୨ରେ ଶିଳାନ୍ୟାସ କରାଯାଇ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। କିନ୍ତୁ ଅନୁଦାନରେ ଅଳ୍ପ କିଛି ଦୋକାନ ଗୃହ ନିର୍ମାଣ ହୋଇଛି । ଅବଶିଷ୍ଟ କାମ ଅଧପନ୍ତରିଆ ଭାବେ ପଡି ରହିଛି। ଦୀର୍ଘ ଦିନ ହେଲା ଅନୁଦାନ ପଡି ରହିଛି। କେଉଁ ଦୋକାନ ଗୃହରେ ସଟର ଲାଗିଛି ତ ଆଉ କେଉଁଠି ସଟର ଲାଗିଥିଲେ ମଧ୍ୟ ଫ୍ଲୋରିଙ୍ଗ, ପ୍ଲାଷ୍ଟର, ବିଦ୍ୟୁତ ସଂଯୋଗ, ରଙ୍ଗ ଆଦି କୌଣସି କାମ କରାଯାଇ ନାହିଁ। ଦୋକାନୀମାନେ ସେହି ଭଙ୍ଗା ଦଦରା ଘରେ ରହୁଥିବା ବେଳେ ନୂତନ ଗୃହ ପୂର୍ଣ୍ଣାଙ୍ଗ କରିବାର ନାଁ ଧରୁନି ନିୟନ୍ତ୍ରିତ ବଜାର କମିଟି। ଏବେ ଦୋକାନୀମାନେ ବାହାରେ ଜରିପାଲ ଟାଣି ବେପାର କରୁଛନ୍ତି। ବାହାଡାଝୋଲା କୃଷି ବଜାର ଗୃହ ପୂର୍ଣ୍ଣାଙ୍ଗ ହେବା ବାବଦରେ ଯନ୍ତ୍ରୀ ବିନୟ କୁମାର ବାରିକଙ୍କୁ ପଚାରିବାରେ ବାହାଡାଝୋଲା ହାଟରେ ଅନେକ କାମ ହେବାର ଅଛି। ଜାଗା ନ ଥିବାରୁ କାମ କରିବାରେ ସମସ୍ୟା ଦେଖା ଦେଉଛି। ତେଣୁ ସେତିକି ଗୃହକୁ ପୂର୍ଣ୍ଣାଙ୍ଗ କରାଯିବ ବୋଲି କହିଛନ୍ତି। ନିୟନ୍ତ୍ରିତ ବଜାର କମିଟି ଉପ-ସହକାରୀ ନିବନ୍ଧକ ତଥା ସମ୍ପାଦକ ଅନିଲ କୁମାର ରାଉତଙ୍କୁ ପଚାରିବାରେ ୧୫ ଦିନ ମଧ୍ୟରେ ଗୃହଗୁଡିକ ସମ୍ପୂର୍ଣ୍ଣ କରି ଆମକୁ ହସ୍ତାନ୍ତର କରିବାକୁ ଆମେ ଠିକାଦାରକୁ ନିର୍ଦ୍ଦେଶ ଦେଇଛୁ ବୋଲି କହିଛନ୍ତି।

